Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:291✦ 18 February 2026 (Wednesday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୯୧✦୧୮ ଫେବୃଆରୀ ୨୦୨୬ (ବୁଧବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ - ୨୦୨୬'ରେ କେନ୍ଦ୍ରମନ୍ତ୍ରୀଙ୍କ ଉଦବୋଧନ

ଭାରତକୁ ଜ୍ଞାନର ମହାଶକ୍ତି କରିବ ଏଆଇ: ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ,୧୭/୨: ଭାରତ ଆଜି ବିଶ୍ୱର ଏକ ପ୍ରମୁଖ ବୈଷୟିକ ଶକ୍ତି ଭାବେ ଉଭା ହେଉଥିବା ବେଳେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏହି ଯାତ୍ରାରେ ଏକ ନୂତନ ଅଧ୍ୟାୟ ଯୋଡ଼ିବାକୁ ଯାଉଛି ବୋଲି ମଙ୍ଗଳବାର ନୂଆଦିଲ୍ଲୀରେ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬'ରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞାନ ଭାରତ ମଣ୍ଡପମ୍ ଠାରେ 'ସୁଫି ଦ ଫୁଟିଂୟର୍ ଅଫ୍ ଏଆଇ ଇନ୍ ଇଣ୍ଡିଆ' ଶୀର୍ଷକ ସ୍ୱତନ୍ତ୍ର ଅଧିବେଶନକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି ଯେ ଏହି ସମ୍ମିଳନୀ ହେଉଛି ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଦୂରଦର୍ଶୀ ପଦକ୍ଷେପ, ଯାହା ଭାରତରେ ଏଆଇର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖୁଛି । ସମଗ୍ର ବିଶ୍ୱ ଆଜି ଭାରତର ଦ୍ରୁତ ଏଆଇର ବ୍ୟବହାରକୁ ଲକ୍ଷ୍ୟ କରୁଛି । ୨୦୪୭ ସୁଦ୍ଧା ଏକ 'ବିକଶିତ ଭାରତ' ଗଠନ କରିବା ଏବଂ ଭାରତକୁ ବିଶ୍ୱର ଜ୍ଞାନର ମହାଶକ୍ତି ଭାବେ ପ୍ରତିଷ୍ଠିତ କରିବାରେ ଏଆଇ ପ୍ରମୁଖ ଭୂମିକା ଗ୍ରହଣ କରିବ । ମନ୍ତ୍ରୀଙ୍କ ସୂଚନାନୁସାରେ, ଶିକ୍ଷା କ୍ଷେତ୍ରରେ ଏଆଇର ବ୍ୟବହାର ଏବଂ ଏଆଇ ସମ୍ପର୍କିତ ଶିକ୍ଷା ପରସ୍ପର ପରିପୂରକ । ଆଜିର ଯୁବପିଢ଼ି ପୂର୍ବ ପିଢ଼ିଙ୍କ ତୁଳନାରେ ସମ୍ପୂର୍ଣ୍ଣ ଭିନ୍ନ ଓ ଅଭିନବ ଚିନ୍ତାଧାରା ରଖୁଛନ୍ତି । କେନ୍ଦ୍ର ମନ୍ତ୍ରୀ ଦେଶର ଯୁବବର୍ଗଙ୍କୁ ଏଆଇ ମାଧ୍ୟମରେ ଶିକ୍ଷିତ ହେବା ସହ ତାକୁ ଆପଣାଇବା ପାଇଁ ପରାମର୍ଶ ଦେଇଛନ୍ତି । ଏହା ସହ ନିଜେ ନିଜେ ସଶକ୍ତ ହେବା ସହ ଜିଜ୍ଞି ନୂତନତ୍ୱ ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଯେ, ଭାରତୀୟ ଯୁବପିଢ଼ିଙ୍କ ନିଆଆ ପ୍ରୟାସ ହିଁ ବିଶ୍ୱ ଏଆଇ ମାନଚିତ୍ରରେ ଭାରତକୁ ଏକ ଅପ୍ରତିଦ୍ୱନ୍ଦ୍ୱୀ ଶକ୍ତି ଭାବେ ଉଭା କରିବ । ଜାତୀୟ ଶିକ୍ଷା ନୀତି ୨୦୨୦ ର ଦୂରଦୃଷ୍ଟି ଏବଂ 'ବିକଶିତ ଭାରତ ୨୦୪୭' ର ଜାତୀୟ ଲକ୍ଷ୍ୟ ସହିତ ସମାନତା ରକ୍ଷା କରି ସମଗ୍ର ଶିକ୍ଷା ବ୍ୟବସ୍ଥାରେ ଏଆଇକୁ ଏକୀକୃତ କରିବା ପାଇଁ ମନ୍ତ୍ରଣାଳୟର ଏହା ଏକ ପ୍ରୟାସ । ଗତ ଏକ ବର୍ଷଧରି ମଧ୍ୟରେ, ଶିକ୍ଷା ମନ୍ତ୍ରଣାଳୟ ଜାତୀୟ ଡିଜିଟାଲ୍ ପ୍ଲାଟଫର୍ମ, ନାଡିଗତ ଭାଡାର୍, ସାଂସ୍ଥାନିକ ସଂଘାତ ଏବଂ ବିଦ୍ୟାଳୟ ଶିକ୍ଷା, ଉଚ୍ଚଶିକ୍ଷା, ବୟସ୍କ ଏବଂ ଅବ୍ୟାଧୁନିକ ଅନୁସନ୍ଧାନ ଓ ନବସୃଜନ କ୍ଷେତ୍ରରେ ଏଆଇ- ସମର୍ଥ ଶିକ୍ଷା ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିଛି । ଏହି ଅଧିବେଶନର ଉଦ୍ଦେଶ୍ୟ ହେଉଛି ଭାରତର ଜାତୀୟ ଏଆଇ-ଇନ୍-ଏଡୁକେସନ୍ ରୋଡମ୍ୟାପ୍ ପ୍ରସ୍ତୁତ କରିବା ଏବଂ ଶିଳ୍ପ-ଶିକ୍ଷାବିତ୍-ସରକାରଙ୍କ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା । ଏହି ଅଧିବେଶନରେ ରାଷ୍ଟ୍ର ଶିକ୍ଷା ତଥା ଦକ୍ଷତା ବିକାଶ ଓ ଉଦ୍ୟମୀତା ମନ୍ତ୍ରୀ ଶ୍ରୀ ଜୟନ୍ତ ଚୌଧୁରୀ ଯୋଗଦେବାଥିଲେ । ଏହି ସମ୍ମେଳନରେ ଶିକ୍ଷାବିତ୍, ଶିଳ୍ପ ଏବଂ ନିବେଶ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନେ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ପାକିସ୍ତାନକୁ ବଡ଼ ଝଟକା:

ରାବିର ଅତିରିକ୍ତ ପାଣି ବନ୍ଦ, ଶାହପୁର କାଣ୍ଡି ଡ୍ୟାମ୍ ପ୍ରସ୍ତୁତ

ନୂଆଦିଲ୍ଲୀ,୧୭/୨: ପାକିସ୍ତାନ ଛୋଡ଼ିବାକୁ ଯାଉଛି ସିନ୍ଧୁ ଜଳ ବୁଝିନାମା ସ୍ଥଗିତ ରଖିବାର ପରିଣାମ । ଖୁବଶୀଘ୍ର ରାବୀ ନଦୀର ଅତିରିକ୍ତ ଜଳ ପାକିସ୍ତାନକୁ ପ୍ରବାହିତ ହେବା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ । ଶାହପୁର କାଣ୍ଡି ବନ୍ଧ ପ୍ରସ୍ତୁତ ହୋଇଗଲାଣି ଏବଂ ଏହାର ଆରମ୍ଭ ସହିତ, ପାକିସ୍ତାନର ବଣ୍ଟାଣ୍ଟି ଧରି ଚାଲିଥିବା ସୁଖଦ ପରିସ୍ଥିତିର ଅନ୍ତ ଘଟିବ । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏପ୍ରିଲ ୨୨, ୨୦୨୫ ରେ ୧୯୬୦ ସିନ୍ଧୁ ଜଳ ବୁଝିନାମାକୁ ସ୍ଥଗିତ କରିଥିଲା ଏବଂ ଏହାର ପ୍ରଭାବ ଏବେ ଦୃଶ୍ୟମାନ ହେଉଛି । ଜମ୍ମୁ ଏବଂ କାଶ୍ମୀର ଜଳ ସମ୍ପଦ ମନ୍ତ୍ରୀ ଜାଭେଦ ଅହମ୍ମଦ ରାଣା କହିଛନ୍ତି ଯେ, ପଞ୍ଜାବ ସୀମାରେ ନିର୍ମାଣ ଚାଲିଥିବା ଶାହପୁର କାଣ୍ଡି ଡ୍ୟାମ୍ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ସମାପ୍ତ ହେବ । ଏହା ରାବୀ ନଦୀରୁ ପାକିସ୍ତାନକୁ ଅତିରିକ୍ତ ଜଳ ପ୍ରବାହକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବ । ରାଣା କହିଛନ୍ତି, 'ହଁ, ପାକିସ୍ତାନକୁ ଅତିରିକ୍ତ ଜଳ ପ୍ରବାହ ବନ୍ଦ ହୋଇଯିବ । ଏହାକୁ ବନ୍ଦ କରିବାକୁ ପଡିବ ।'ଏକ ଟିଭି ଚ୍ୟାନେଲର ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି । ଜାଭେଦ ଅହମ୍ମଦ ଆହୁରି କହିଛନ୍ତି ଯେ, 'କଠୁଆ ଏବଂ ସାମ୍ବା ଜିଲ୍ଲା ମରୁଡ଼ି ପ୍ରବଣ ଅଞ୍ଚଳ, ଏବଂ କାଣ୍ଡି ଅଞ୍ଚଳରେ ନିର୍ମାଣ ହେଉଥିବା ଏହି ପ୍ରକଳ୍ପ ଆମର ପ୍ରାଥମିକତା ।' ଶାହପୁର କାଣ୍ଡି ବ୍ୟାରେଜ୍ ଏକ ଜାତୀୟ ପ୍ରକଳ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଯୋଗୁଁ ୪ ବର୍ଷ ପରେ ଏହାକୁ ସଂଶୋଧନ କରାଯାଇଥିଲା । ନଦୀ ଜଳର ପୂର୍ଣ୍ଣ ବ୍ୟବହାର ପାଇଁ ପ୍ରଧାନମନ୍ତ୍ରୀ ମୋଦି ଜମ୍ମୁ ଅଞ୍ଚଳରେ ଜଳବିଦ୍ୟୁତ ପ୍ରକଳ୍ପଗୁଡ଼ିକୁ ପୂର୍ଣ୍ଣ ପ୍ରୋତ୍ସାହନ ଦେବଇଛନ୍ତି । ପହଲଗାମର ବୈସାରନ ଉପତ୍ୟକାରେ ଆତଙ୍କବାଦୀ ଆକ୍ରମଣ ପରେ , ଭାରତ ଜମ୍ମୁ ଏବଂ କାଶ୍ମୀରର ଚେନାବ ନଦୀରେ ଚାଲିଥିବା ୪ଟି ଜଳବିଦ୍ୟୁତ ପ୍ରକଳ୍ପରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । ଏହି ସମସ୍ତ ପ୍ରକଳ୍ପ ୨୦୨୭-୨୮ ସୁଦ୍ଧା ସମାପ୍ତ ହେବାର ଯୋଜନା ରହିଛି । ୬ ଡିସେମ୍ବର, ୨୦୧୮ରେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରାବିନେଟ ଶାହପୁର କାଣ୍ଡି ପ୍ରକଳ୍ପ ପାଇଁ ୪୮୫,୩୮ କୋଟିର କେନ୍ଦ୍ରୀୟ ସହାୟତାକୁ ଅନୁମୋଦନ କରିଥିଲେ । ଶାହପୁର କାଣ୍ଡି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ପଞ୍ଜାବର ୫ ହଜାର ହେକ୍ଟର ଏବଂ ଜମ୍ମୁ ଏବଂ କାଶ୍ମୀରର କାଠୁଆ ଏବଂ ସାମ୍ବା ଜିଲ୍ଲାରେ ୩୨,୧୭୩ ହେକ୍ଟର ଜମିକୁ ଜଳସେଚନ କରିବ ।

ରାଷ୍ଟ୍ରପତିଙ୍କୁ ଭେଟିଲେ ଟ୍ରେନି ଅଧିକାରୀ

ନୂଆଦିଲ୍ଲୀ,୧୭/୨: ଭାରତୀୟ ଲେଖା ଓ ଲେଖାପରୀକ୍ଷା ସେବା, ରକ୍ଷା ବୈମାନିକ ଗୁଣଗତ ନିଶ୍ଚିତି ସେବା ଏବଂ ଭାରତୀୟ ବ୍ୟାପାର ସେବାର ପ୍ରଶିକ୍ଷୁ ଅଧିକାରୀମାନେ ସୋମବାର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଶିଷ୍ଟାଚାର ସାକ୍ଷାତ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଯେ, ପ୍ରତିଷ୍ଠିତ ସେବାରେ ତାଙ୍କର ଚୟନ ଦେଶସେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ । ଅନେକ ଯୁବକ-ଯୁବତୀ ଯେଉଁ ସ୍ଥାନକୁ ପହଂଚିବାର ସ୍ୱପ୍ନ ଦେଖନ୍ତି, ସେଠାକୁ ପହଂଚିବାର

୯ଟା ୩୦ ପର୍ଯ୍ୟନ୍ତ ସେଂଟରକୁ ଆସିଲେ ପରୀକ୍ଷା ଦେଇପାରିବେ: ବୋର୍ଡ ସଭାପତି

କଟକ,୧୭/୨(ନି/ପ୍ର): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଗୁରୁବାରରୁ ଆରମ୍ଭ ହେବ । ରାଜ୍ୟରେ ୫ ଲକ୍ଷ ୬୧ ହଜାର ୯୭୯ ଛାତ୍ରଛାତ୍ରୀ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବେ । ଏଥିପାଇଁ ୩୦୮୨ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି । ପ୍ରତିଦିନ ଗୋଟିଏ ସିଫ୍ଟରେ ପୂର୍ବାହ୍ନ ୧୧ଟାରୁ ୧୧ଟା ୩୦ ମିନିଟ ପର୍ଯ୍ୟନ୍ତ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ପରୀକ୍ଷା ସୂଚାରୁ ରୂପେ ପରିଚାଳନା ପାଇଁ ବୋର୍ଡ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ବୋର୍ଡ ସଭାପତି କହିଛନ୍ତି ୯ଟା ୩୦ ପର୍ଯ୍ୟନ୍ତ ସେଂଟରକୁ ଆସିଲେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇପାରିବେ । ପୂର୍ବରୁ ୯ଟା ୧୫ ମିନିଟ୍ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଥିଲା । ଏଥିରେ ଆଉ ୧୫ ମିନିଟ୍ ବୃଦ୍ଧି କରାଯାଇଛି କହିଲେ ବୋର୍ଡ ସଭାପତି । ଜିପି ଯୋଗାଇଲେ କିମ୍ବା କିଛି ଅନିୟମିତତା ଜଲେ ଜଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେପରେ ବୋର୍ଡ ପକ୍ଷରୁ ଚଳିତବର୍ଷ ୩୭ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି । ପ୍ରତି ସ୍କ୍ୱାଡ୍‌ରେ ୨ ଜଣ ଲେଖାଏଁ ସଦସ୍ୟ ରହିଛନ୍ତି । ସେହିପରି ସମସ୍ତ ପରୀକ୍ଷା କେନ୍ଦ୍ରର ଅଧ୍ୟକ୍ଷ ଏବଂ ନିରୀକ୍ଷକଙ୍କ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି । ପରୀକ୍ଷା କେନ୍ଦ୍ରରେ କେଉଁ କେଉଁ ସୁବିଧା ରହିବ, ପ୍ରଶ୍ନପତ୍ର ଏବଂ ଉତ୍ତରଖାତା କିଭଳି ନିର୍ଦ୍ଧାରିତ ସମୟ ଅନୁଯାୟୀ ପହଂଚିବ, ସେଥିପାଇଁ କରାଯାଉଥିବା ବ୍ୟବସ୍ଥାକୁ ଅନୁପାଳନ ନିମନ୍ତେ କୁହାଯାଇଛି । ଗତ ୧୦ ତାରିଖଠାରୁ ନୋଡାଲ ସେଂଟରଗୁଡ଼ିକୁ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରୁ ପ୍ରଶ୍ନପତ୍ର ପଠା କାର୍ଯ୍ୟ ଆରମ୍ଭ ହୋଇଥିଲା । ଆଜି ସବୁ ନୋଡାଲ କେନ୍ଦ୍ରରେ ପ୍ରଶ୍ନପତ୍ର ପହଂଚିବା ନେଇ ସୂଚନା ମିଳିଛି । ସୂଚନା ମୁତାବକ ରାଜ୍ୟରେ ୫ ଲକ୍ଷ ୬୧ ହଜାର ୯୭୯ ଛାତ୍ରଛାତ୍ରୀ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବେ । ଏଥିପାଇଁ ୩୦୮୨ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି ।

ହସ୍ପିଟାଲରେ ଭର୍ତ୍ତି ସଲିମ ଖାନ, ବାପାଙ୍କୁ ଦେଖିବାକୁ ପହଂଚିଲେ ସଲମାନ

ମୁମ୍ବାଇ,୧୭/୨: ସଲମାନ ଖାନଙ୍କ ବାପା ସଲିମ ଖାନ ଅସୁସ୍ଥ । ତାଙ୍କୁ ମୁମ୍ବାଇର ଲୀଳାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା କୁହାଯାଉଛି । କିନ୍ତୁ, ତାଙ୍କୁ କାହିଁକି ହସ୍ପିଟାଲରେ ଭର୍ତ୍ତି କରାଯାଇଛି ସେ ବିଷୟରେ ବର୍ତ୍ତମାନ କୌଣସି ଠୋସ୍ ସୂଚନା ନାହିଁ । ପରିବାରର ସମସ୍ତ ସଦସ୍ୟ ନିରନ୍ତର ଡାକ୍ତରଖାନାରେ ପହଂଚୁଥିବା ଦେଖାଯାଉଛି । ସୂଚନା ଅନୁଯାୟୀ, ଆଜି ସଳମାନ ସଲମାନ ଖାନଙ୍କୁ ହସ୍ପିଟାଲରେ ଦେଖିବାକୁ ମିଳିଥିଲା । ଅଭିନେତା କିଛି ସୁରକ୍ଷା କର୍ମୀଙ୍କ ସହ ହସ୍ପିଟାଲରୁ ବାହାରକୁ ଆସୁଥିବାର ନଜର ଆସିଥିଲେ । ସଲମାନଙ୍କ ବ୍ୟତୀତ ସଲିମ ଖାନଙ୍କ ଭାଇଁ ଅତୁଲ ଅଗ୍ନିହୋତ୍ରୀ ଏବଂ ଆୟୁଷ ଶର୍ମା ମଧ୍ୟ ହସ୍ପିଟାଲ ବାହାରେ ଦେଖାଯାଇଥିଲେ । ଝିଅ ଅଲଭିରା ମଧ୍ୟ ତାଙ୍କ ବାପାଙ୍କୁ ଦେଖିବାକୁ ହସ୍ପିଟାଲରେ ପହଂଚିଥିଲେ । ତେବେ ସଲିମ ଖାନଙ୍କ ପରିବାର ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ବୟାନ ଦିଆଯାଇ ନାହିଁ । ତଥାପି, ତାଙ୍କ ହସ୍ପିଟାଲରେ ଭର୍ତ୍ତି ହେବା ଖବର ପ୍ରଶଂସକ ଏବଂ ସୋସିଆଲ ମିଡିଆ ଯୁବବର୍ଗଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି ।

ରାଜ୍ୟପାଳଙ୍କ ଅଭିଭାଷଣ ବଜେଟ୍ ଅଧିବେଶନ ଆରମ୍ଭ:

କହିଲେ ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ୍ ହେବ ଓଡିଶା

ଭୁବନେଶ୍ୱର,୧୭/୨(ନି/ପ୍ର): ଆଜିଠୁ ବିଧାନସଭା ବଜେଟ ଅଧିବେଶନ ଆରମ୍ଭ ହୋଇଛି । ଜୟ ଜଗନ୍ନାଥ କହି ନିଜ ଅଭିଭାଷଣ ଆରମ୍ଭ କରିଛନ୍ତି ରାଜ୍ୟପାଳ । ସେ କହିଛନ୍ତି ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ୍ ହେବ ଓଡିଶା । ୨୦୩୬ ମସିହାରେ ଓଡିଶା ଗଠନକୁ ଶହେ ବର୍ଷ ପୂରିବ । ସମୃଦ୍ଧ ଓଡିଶା ଗଠନ ପାଇଁ ମୋ ସରକାର ସର୍ବଦା ପ୍ରତିଶ୍ରୁତିବଦ୍ଧ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ରରୁ ଓଡିଶାକୁ ବଡ ପ୍ରକଳ୍ପ ମିଳୁଛି । ଓଡିଶା ଆତ୍ମନିର୍ଭର ଭାରତରେ ସେମି କଣ୍ଡକ୍ଟର ହବ୍ ହେବ । ରାଜ୍ୟରେ ରାସ୍ତା ଗୁଡିକର ଆଧୁନିକୀକରଣ କରାଯାଉଛି । ଜୟଦେବ ବିହାର ନନ୍ଦନକାନନ ରାସ୍ତାରେ ଫ୍ଲାଏଓଭର ହେବ । ଭିତ୍ତିଭୂମି ସୁଦୃଢ କରିବାକୁ ମୋ ସରକାର ପ୍ରତିଶ୍ରୁତିବଦ୍ଧ । ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟ ୧.୮ ଲକ୍ଷରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା । ବହୁମୁଖୀ ବାରିତ୍ରକୁ ୫ ପ୍ରତିଶତକୁ ହ୍ରାସ କରିବା ଆମର ଟାର୍ଗେଟ୍ । ମହିଳା ଶ୍ରମ ଶକ୍ତିକୁ ୭୦ ପ୍ରତିଶତକୁ ବୃଦ୍ଧି କରିବା ଆମର ଲକ୍ଷ୍ୟ । ଆୟୁ ସୀମା ୮୦ରୁ ଅଧିକ କରିବା ଓ ଲୁପୋଷଣ ଦୂର କରିବା ।

ଦୁଇ ବର୍ଷରେ ଏଆଇ ଷ୍ଟାକରେ ୨୦୦ବିଲିୟନ ଡଲାର ନିବେଶ ହେବ

ନୂଆଦିଲ୍ଲୀ,୧୭/୨:ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ ଆରମ୍ଭ ହୋଇଛି । ଫେବୃଆରୀ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀ ସହିତ ଏକ ଏଆଇ ଏକ୍ସପୋ ମଧ୍ୟ ଅନୁଷ୍ଠିତ ହେବ । ପ୍ରାୟ ୬୫ଟି ଦେଶ ଏହି ସମ୍ମିଳନୀରେ ସାମିଲ ହୋଇଥିବା ବେଳେ ୬୦୦ରୁ ଅଧିକ ଷ୍ଟାର୍ଟଅପ୍ ଅଂଶଗ୍ରହଣ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀରେ, କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, "ଆଗାମୀ ଦୁଇ ବର୍ଷ ମଧ୍ୟରେ, ଆମେ ଏଆଇ ଷ୍ଟାକର ସମସ୍ତ ୫ଟି ସ୍ତର ମଧ୍ୟରେ ୨୦୦ ବିଲିୟନ ଆମେରିକୀୟ ଡଲାରରୁ ଅଧିକ ନିବେଶ ଦେଖିବୁ ।" ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟରେ ଘଠଓଖଓଇ ସିଇଓ ଜେନସେନ୍ ହୁଆଙ୍କଙ୍କ ଅନୁପସ୍ଥିତି ବିଷୟରେ ପଚରାଯିବାରୁ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ, "ଶ୍ରୀଯୁକ୍ତ ଜେନସେନ୍ ହୁଆଙ୍କ ଆମ ସହିତ ଯୋଗାଯୋଗ କରିଥିଲେ ଏବଂ କହିଥିଲେ ଯେ କିଛି ଅନିବାର୍ଯ୍ୟ ପରିସ୍ଥିତି ଯୋଗୁଁ, ସେ ଆମ ସହିତ ଯୋଗଦେବା

ଇମାନୁଏଲ ମାକ୍ରନ ମୁମ୍ବାଇରେ

ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କରିବେ ଦ୍ୱିପାକ୍ଷିକ ଆଲୋଚନା

ମୁମ୍ବାଇ,୧୭/୨:ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ତାଙ୍କ ଭାରତ ଗସ୍ତ ପାଇଁ ମୁମ୍ବାଇରେ ପହଂଚିଛନ୍ତି । ଆଜିଠାରୁ ଆରମ୍ଭ ହେଉଥିବା ତାଙ୍କର ତିନି ଦିନିଆ ଗସ୍ତ ଏପରି ଏକ ସମୟରେ ଆସିଛି ଯେତେବେଳେ ପ୍ରତିରକ୍ଷା ସହଯୋଗରେ ଦ୍ରୁତ ଗତିରେ ବଢୁଥିବା ଘନିଷ୍ଠତା ଫ୍ରାନ୍ସକୁ ଭାରତ ପାଇଁ ନୂଆ ରୁଷ ହେବା ପାଇଁ ଆହ୍ୱାନ ଦେଉଛି । ଏହାର ଅର୍ଥ ହେଉଛି ଯେ, ଯେପରି ରୁଷ ବଣ୍ଟାଣି ଧରି ଭାରତର ସବୁଠାରୁ ବିଶ୍ୱସ୍ତ ପ୍ରତିରକ୍ଷା ସହଯୋଗୀ ହୋଇଆସିଛି, ସେହିପରି ଫ୍ରାନ୍ସ ଏବେ ବାର୍ଗାଳାକାନ, ଭଲ-ପ୍ରଯୁକ୍ତିବିଦ୍ୟା ଓ ନିର୍ଭରଯୋଗ୍ୟ ପ୍ରତିରକ୍ଷା ସହଯୋଗର ଏକ ସ୍ତମ୍ଭ ଭାବରେ ଉଭା ହେଉଛି । ରାଷ୍ଟ୍ରପତି ମାକ୍ରନ୍ ଫେବୃଆରି ୧୭ ରୁ ୧୯ ପର୍ଯ୍ୟନ୍ତ ଭାରତରେ ରହିବେ । ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ଆଲୋଚନା ସମୟରେ, ଦୁଇ ନେତା ଭାରତ-ଫ୍ରାନ୍ସ ରଣନୈତିକ ସହଭାଗୀତ୍ୱର ପ୍ରଗତି ସମୀକ୍ଷା କରିବେ ଓ ନୂତନ ତଥା ଉଦୀୟମାନ କ୍ଷେତ୍ରରେ ସହଯୋଗ ବିସ୍ତାର କରିବା ଉପରେ ଆଲୋଚନା କରିବେ । ମଙ୍ଗଳବାର ସନ୍ଧ୍ୟାରେ, ମୋଦୀ ଏବଂ ମାକ୍ରୋନ୍ ମିଳିତ ଭାବରେ ଭାରତ-ଫ୍ରାନ୍ସ ନବସୃଜନ ବର୍ଷ ୨୦୨୬ ଉଦ୍‌ଘାଟନ କରିବେ ।ଏହା ମାକ୍ରୋନ୍ ?ଙ୍କର ଭାରତକୁ ଚତୁର୍ଥ ଏବଂ ମୁମ୍ବାଇକୁ ତାଙ୍କର ପ୍ରଥମ ଗସ୍ତ । ଉଭୟ ଦେଶର ପ୍ରତିରକ୍ଷା ମନ୍ତ୍ରୀମାନେ ବେଙ୍ଗାଲୁରୁରେ ଭବିଷ୍ୟତର ପ୍ରତିରକ୍ଷା ଜାତୀ ଉପରେ ଆଲୋଚନାର ନେତୃତ୍ୱ ନେବେ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଫ୍ରାନ୍ସ ପ୍ରତିରକ୍ଷା ମନ୍ତ୍ରୀ କ୍ୟାଥରିନ ଭାଭନ୍ଦ୍ରିଙ୍କ ଅଧ୍

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଶିବ ମୟ କେନ୍ଦୁଝର

କେନ୍ଦୁଝର,୧୭/୨(ନି/ପ୍ର):-ସମଗ୍ର କେନ୍ଦୁଝର ଜିଲ୍ଲା ଶୈବମୟ ହୋଇ ପଡିଛି ବିଭିନ୍ନ ଶୈବ ଦେବାଳୟ ମାନଙ୍କରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇ ପଡିଛି ପ୍ରାୟଃ ଗୁ ,ମହା ଶିବରାତ୍ରି ବା ଜାଗର ମେଳା ହେଉଛି ହିନ୍ଦୁ ଧର୍ମର ଏକ ପ୍ରମୁଖ ପର୍ବ, ମହା ଶିବରାତ୍ରି ନିଷ୍ଠା ଓ ବିଶ୍ୱାସର ପର୍ବ,ଆଜିର ଦିନରେ ଭକ୍ତମାନେ ନିର୍ଜଳା ଉପବାସ ରଖି ଶିବ ମନ୍ଦିରରେ ବୀସ ଜାଳନ୍ତି।ବିଶ୍ୱାସ କରାଯାଏ ଯେ, ଏହି ରାତିରେ ଜାଗରଣ ରହି ଶିବଙ୍କ ଆରାଧନା କଲେ ସମସ୍ତ ପାପ କ୍ଷୟ ହୁଏ ଏବଂ ମନସ୍କାମନା ପୂର୍ଣ୍ଣ ହୁଏ।ଆଜି ଦିନରେ ଶିବଲିଙ୍ଗରେ ବେଲପତ୍ର, କ୍ଷୀର ଏବଂ ଜଳ ଅଭିଷେକ କରିବା ଅତ୍ୟନ୍ତ ଶୁଭ ବୋଲି ମାନିବାକୁ ହୁଏ ରାତି ଅଧରେ ମନ୍ଦିର ଚୂଡ଼ାକୁ 'ମହାଦୀପ' ଉଠିବା ପରେ ଭକ୍ତମାନେ ସେମାନଙ୍କର ବ୍ରତ ଭଙ୍ଗ କରନ୍ତି।ବିଶ୍ୱାସ ଅନୁଯାୟୀ, ବୀସ ହେଉଛି ଜ୍ଞାନର ପ୍ରତୀକ। ରାତିସାରା ଉଜାଗର ରହି ବୀସ ଜାଳିବା ଦ୍ୱାରା ମଣିଷ ନିଜ ଭିତରେ ଥିବା ଅଜ୍ଞାନତା ରୂପକ ଅନ୍ଧକାରକୁ ଦୂର କରି ଆଧ୍ୟାତ୍ମିକ ଜ୍ୟୋତି ପ୍ରାପ୍ତ କରେ, ଦେବାଳୟ ମାନଙ୍କରେ ପୂଜା ଅରଚନା ସହିତ ଭଜନ କୀର୍ତ୍ତନ,ପ୍ରସାଦ ବିତରଣ ଚାଲୁରହିଛି, ଅନେକ ସ୍ଥାନରେ ମିନାବଜାର ମେଳା ମଧ୍ୟ ଆୟୋଜିତ ହେଉଛି,ବ୍ରହ୍ମାକୁମାରୀ ଅନୁଷ୍ଠାନ ପକ୍ଷରୁ ଆଧ୍ୟାତ୍ମିକ ଶୋଭାଯାତ୍ରା ,ଶିବଧିକ୍ଷା ଉତ୍ତୋଳନ କରାଯାଇଛି , ବ୍ରହ୍ମାକୁମାରୀ ଭଉଣୀ ବିନ୍ଦୁ ,ପ୍ରତିଭା,ଜୟନ୍ତୀ ,ମିନତୀ ,ପ୍ରିୟଙ୍କା ,ପ୍ରମୁଖ ଙ୍କ ନେତୃତ୍ୱ ରେ ପ୍ରସାଦ ବିତରଣ କରାଯାଇଥିଲା , ବନଖଣ୍ଡ ଅଧିକାରୀ ଧନରାଜଏବଂ ତି । ଏସବିଆଇ ମ୍ୟାନେଜର ସଞ୍ଜୟ ସାମଲ , ଡାକ୍ତର ଙ୍ଗଜୀତ ଓଡା ଓ ବହୁ ଜନସାଧାରଣ ଶାନ୍ତିସରୋବର ରେ ଉପସ୍ଥିତ ରହି ଆଧ୍ୟାତ୍ମିକ ଜାଗରଣ କାରକ୍ୟକ୍ରମ କୁ ଗରିମମ୍ବ କରିଥିଲେ ।

ଛାତ୍ରଛାତ୍ରୀଙ୍କ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ ପରିଦର୍ଶନ

କେନ୍ଦୁଝର, ୧୭/୨(ନି/ପ୍ର): କେନ୍ଦୁଝରସ୍ଥିତ ନରସିଂହ ସ୍ୱାଇଁ ପୋଲିସ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଶୁକ୍ରବାର ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ,କେନ୍ଦୁଝର ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବେଳା ରାଉତଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟରେ ଥିବା ବିଭିନ୍ନ ବିଭାଗ ର ଉପକରଣ ଏବଂ ଯନ୍ତ୍ରପାତିର ବ୍ୟବହାର ସମ୍ପର୍କରେ ଅନୁଧ୍ୟାନ କରିବା ସହ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ। ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟର ପ୍ରିନସିପାଲ୍ ଙ୍କ ମନୁଥ କୁମାର ମାଝୀ ଏବଂ ଆଡ଼ମିଶନ ଇନଚାର୍ଜ ଙ୍କ ପାର୍ଥ ସାରଥୀ ବାଣ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ କରିବା ସହ ଭ୍ୟାରିଅର ଭାଇନସେଙ୍କିଂ କରିଥିଲେ।ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଗୁରୁଦେବ ମହାନ,ବିଜୟ କୁମାର ବେହେରା,ବିବେକାନନ୍ଦ ରାଉତ, ପ୍ରତୀପ୍ତ କୁମାର ବେହୁରା,ତନୁୟ ରାଉତ,ଶିକ୍ଷା କର୍ମଚାରୀ ସୁଜାତା ନାୟକ ଏବଂ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

ବଡ଼ବିଲରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଡକାୟତି ଘଟଣା : ଆଉ ୨ ଡକାୟତ ଗିରଫ

ବଡ଼ବିଲ,୧୭/୨(ନି/ପ୍ର): ଗତ ଜାନୁଆରି ୧୯ ତାରିଖରେ ବ୍ୟାଙ୍କ ଅଫ ମହାରାଷ୍ଟ୍ର ବଡ଼ବିଲ ଶାଖାରେ ହୋଇଥିବା ଡକାୟତି ଘଟଣାରେ ପୁଲିସ ଆଉ ୨ ଡକାୟତଙ୍କୁ ଗିରଫ କରିଛି। ବଡ଼ବିଲ ପୁଲିସର ଏକ ସ୍ୱତନ୍ତ୍ର ଟିମ ବିହାରର ରାଜଧାନୀ ପାଟଣା ଅଂଚଳରୁ ତାଙ୍କୁ ଗିରଫ କରି ଆଣିଥିବା ? ନେଇ ସାମ୍ବାଦିକ ସମ୍ମିଳନୀରେ ପୁଲିସ ସୂଚନା ଦେଇଛି। ଗିରଫ ୨ ଅଭିଯୁକ୍ତ ହେଲେ ବିହାରର ବନାରସ ଜିଲ୍ଲା, ଭଗବାନପୁର ଥାନା, ଆସୋଣ୍ଡ ଗ୍ରାମର ସନ୍ତୋଷ କୁମାର ପାଣ୍ଡେଙ୍କ (୩୮) ଓ ପାଟଣା ଜିଲ୍ଲା ରାମକୃଷ୍ଣପୁର ନଗର ଭୂପତିପୁର ଗ୍ରାମର ନବୀନ କୁମାର ଯାଦବ। ସେମାନଙ୍କ ନିଜସ୍ୱ ଟୋରି ହୋଇଥିବା ଗୋଟିଏ ସୁନାହାର , ଗୋଟିଏ ସୁନାମୁଦି, ୨ ଟି ସ୍ମାର୍ଟ ଫୋନ ଜବତ୍ ହୋଇଥିବା ଜଣାଯାଇଛି। ସନ୍ତୋଷ ନାମରେ ବିହାରର ବିଭିନ୍ନ ଥାନାରେ ଚୋରି, ଲୁଟ, ହତ୍ୟା, ଅପହରଣ ପରି ୮ ଟି ସଂଗୀନ ମାମଲା ରହିଥିବା ବେଳେ ନବୀନ ନାମରେ ୨ ଟି ଅପରାଧିକ ମାମଲା ରହିଛି। ଗିରଫ ହୁଇ ଅଭିଯୁକ୍ତଙ୍କୁ ବଡ଼ବିଲ ବାଟା ଛକ ଠାରୁ ବଜଜା ଛକ ପର୍ଯ୍ୟନ୍ତ ସିନ୍ ଗିଜ୍‌ସନ କରି, ଚଲାଇବା ପରେ କୋର୍ଟ ଚାଲାଣ କରାଯାଇଥିଲା। ଏହି ଲୁଟ ଘଟଣାରେ ଗତ ଜାନୁଆରି ୨୪ ତାରିଖ ତାରିଖରେ ଝାଡ଼ଖଣ୍ଡର ଧନ୍ଧବାଦରୁ କୁମାର ରାଜ ବର୍ମା ଓ ରାଜ କୁମାର ସିଂହ ଓଡ଼ିଶା ଓ ଝାଡ଼ଖଣ୍ଡ ପୁଲିସର ମିଳିତ ସହଯୋଗରେ ଗିରଫ କରାଯାଇଥିଲା। ଏଥି ସହିତ ସେମାନଙ୍କ ନିଜରୁ ୨୮୦ ଗ୍ରାମ ଓଜନର ସୁନା, ୨ ଟି ଷ୍ଟୋପିଓ ଗାଡି, ୪ଟି ସ୍ମାର୍ଟ ଫୋନ ଜବତ ହୋଇଥିଲା। ସେହିପରି ୨୭ ତାରିଖରେ ବ୍ୟାଙ୍କ ଲୁଟ୍ ଘଟଣାର ମୁଖ୍ୟ ସହଯୋଗୀ ଅଭିରଞ୍ଜନ କୁମାରଙ୍କୁ ଗିରଫ କରାଯିବା ସହିତ ଏକ ପଲସର୍ ବାଇକ ଜବତ ହୋଇଥିଲା। ସେହିପରି ୧୭ ତାରିଖରେ ବ୍ୟାଙ୍କ ଲୁଟ୍ ଘଟଣାର ସମ୍ପୃକ୍ତ ସିପୁ କୁମାରଙ୍କୁ ଟାଙ୍କୁରା ଜଙ୍ଗଲରେ ପୁଲିସ ଏନକାଉଣ୍ଟର କରି କାବୁ କରିବାରେ ସଫଳ ହୋଇଥିଲା।

ପାଲ ଘେରାରେ ଛାତ୍ରୀ ନିବାସ : ପ୍ରଶ୍ନବାଚୀରେ ଛାତ୍ରୀ ସୁରକ୍ଷା

ଚମ୍ପୁଆ ,୧୭/୨(ନି/ପ୍ର): ଆଦିବାସୀ ଛାତ୍ରୀ ମାନଙ୍କୁ ଛାତ୍ରୀ ନିବାସରେ ସୁରକ୍ଷିତ, ସୁନ୍ଦର ପରିବେଶରେ ରଖି ମାଗଣାରେ ଶିକ୍ଷାଦାନ କରିବା ପାଇଁ ରାଜ୍ୟ ସରକାର ଲୋଟି ଲୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ପ୍ରକୃତ ପକ୍ଷେ ତାହା ଓଲଟା ଦେଖିବାକୁ ମିଳୁଛି। ଛାତ୍ରୀ ନିବାସରେ ରହୁଥିବା ଛାତ୍ରୀ ମାନଙ୍କୁ କଳା ସୁରକ୍ଷା ଭିତରେ ରଖିବା ଦିଗରେ ବିଭାଗୀୟ ଅଧିକାରୀ ମାନେ ଗୁରୁତ୍ୱ ଦେଉନାହାନ୍ତି। ଯାହା ଫଳରେ ଅନେକ ସମୟରେ ଛାତ୍ରୀ ନିବାସ ଗୁଡ଼ିକରେ ବିଭିନ୍ନ ପ୍ରକାର ଅଘଟଣ ଘଟୁଥିବାର ଜଣା ରହି ଆସିଛି। ଛାତ୍ରୀ ନିବାସ ଗୁଡ଼ିକରେ ଘଟଣା ଘଟିବା ପରେ ଲୋକ ଦେଖାଣିଆ ଭାବରେ ବିଭାଗୀୟ ଉଚ୍ଚ ଅଧିକାରୀ ମାନେ ତଦାରଖ ନାମରେ କୁମ୍ଭୀର ଲାଦଣା କାନ୍ଦୁଥିବା ଦେଖିବାକୁ ମିଳୁଛି। ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛି କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡସ୍ଥ ଝୁମ୍ପୁରା ବ୍ଲକ ଚୁଚୁଡିହା ସଂଚାୟତର ରସବନ୍ତନା ଉଚ୍ଚ ବିଦ୍ୟାଳୟ। ଏହି ଉଚ୍ଚ ବିଦ୍ୟାଳୟର ଆବିବାସୀ ଛାତ୍ରୀ ମାନଙ୍କ ନିମନ୍ତେ ଏକ ଛାତ୍ରୀ ନିବାସ ରହିଛି। ଏହି ଛାତ୍ରୀ ନିବାସରେ ଷଷ୍ଠ ଶ୍ରେଣୀ ଠାରୁ ଆରମ୍ଭ କରି ଦଶମ ଶ୍ରେଣୀର ଛାତ୍ରୀ ମାନେ ରହି ଶିକ୍ଷା ଗ୍ରହଣ କରିବାର ବ୍ୟବସ୍ଥା ହୋଇଛି। ବିଦ୍ୟାଳୟ ପରିସର ମଧ୍ୟରେ ହିଁ ଏହି ଛାତ୍ରୀ ନିବାସ ରହିଥିବା ବେଳେ ଛାତ୍ରୀ ମାନଙ୍କ ସୁରକ୍ଷା ଦୃଷ୍ଟିରୁ ଛାତ୍ରୀ ନିବାସ ଚାରି ପାଖରେ ପାଚେରୀ ନିର୍ମାଣ କରା ଯାଇଥିଲା। କିନ୍ତୁ ଏଠାରେ ନିର୍ମାଣ ହୋଇଥିବା ପାଚେରୀ ଦୀର୍ଘଦିନରୁ ଭାଙ୍ଗି ଯାଇଥିବା ବେଳେ ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଯେତିକି ଅଂଶ ପାଚେରୀ ଭାଙ୍ଗିଛି ସେହିସ୍ଥାନରେ ଏକ ପାଲ ଟାଣି ଦେଇ ନିଜର ଦାୟିତ୍ୱଶେଷ କରି ଦେଇଛନ୍ତି। ଏହି ଛାତ୍ରୀ ନିବାସରେ ନବମ ଓ ଦଶମ ଶ୍ରେଣୀର ଅଧ୍ୟୟନ କରୁଥିବା ଛାତ୍ରୀ ମାନେ ରହୁଥିବାରୁ ତାଙ୍କର ସୁରକ୍ଷା ଅତ୍ୟନ୍ତ ଜରୁରୀ ହୋଇଥିବାବେଳେ ଛାତ୍ରୀ ମାନଙ୍କ ସୁରକ୍ଷା ପ୍ରତି କର୍ତ୍ତୃପକ୍ଷ ଯେ କେତେ ତତ୍ପର ରହାହା ତାଙ୍କ ପାଲ ଦର୍ଶାଉଛାଣା ପଡୁଛି। ଛାତ୍ରୀ ନିବାସ ପରିଦର୍ଶନ କରିବା ପାଇଁ ବାରମ୍ବାର ଅଧିକାରୀ ମାନେ ଗସ୍ତ କରୁଛନ୍ତି ସତ କିନ୍ତୁ ଭଙ୍ଗା ପାଚେରୀ ତାଙ୍କ ଦୃଷ୍ଟିରେ ପଡି ପାରୁନଥିବାରୁ ବିନରାତି ଖୋଲା ମେଲାରେ ରହୁଥିବା ଛାତ୍ରୀ ମାନଙ୍କ ସୁରକ୍ଷାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଛାତ୍ରୀ ନିବାସ ନିକଟରେ ଭାଙ୍ଗିଥିବା ପାଚେରୀକୁ କାଢିଁ ମରାମତି ନ କରି ପାଲ ଟଣା ଯାଇଛି ବୋଲି ଝୁମ୍ପୁରା ବ୍ଲକ ମଙ୍ଗଳ ଅଧିକାରୀ ମନୋରଞ୍ଜନ ନାୟକଙ୍କ ସହିତ ଯୋଗାଯୋଗ କରିବାରୁ ସେ ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରା ଯାଇଛି ବୋଲି ସଫେଇ ଦେଇଛନ୍ତି। ତେବେ ଛାତ୍ରୀ ମାନଙ୍କ ସୁରକ୍ଷା ଦୃଷ୍ଟିରୁ ଭଙ୍ଗା ପାଚେରୀ ସ୍ଥାନରେ ତୁରନ୍ତ ନୂତନ ପାଚେରୀ ନିର୍ମାଣ କରିବା ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

ଚମ୍ପୁଆ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

କେନ୍ଦୁଝର,୧୭/୨(ନି/ପ୍ର): ଚମ୍ପୁଆ ବ୍ଲକ ପରିସରରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା -୨୦୨୫ ଆଜି ଉଦଯାପିତ ହୋଇଯାଇଛି । ଜିଲ୍ଲା କୃଷି ଅଧିକାରୀ ସତ୍ୟବାନ ସୋରେନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ଏହି ମେଳାକୁ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଯୋଗ ଦେଇ ବିଧିବଦ୍ଧ ଭାବେ ଉଦଘାଟିତ କରିଥିଲେ। ଏଥିରେ ବିଭିନ୍ନ କୃଷି ଯନ୍ତ୍ରପାତି ଡିଲର ଓ କୃଷି ସାମଗ୍ରି, ବିହନ ଓ କୃଷି ଉତ୍ପାଦିତ ଦ୍ରବ୍ୟ ଆଦିର ଷ୍ଟଲ ସବୁ ରହିଥିବା ବେଳେ ମୃତିକା ସଂରକ୍ଷଣ ବିଭାଗ ସହଭାଗୀ ନିର୍ଦ୍ଦେଶକ ବନମାଳୀ ପାତ୍ରଙ୍କ ତତ୍ତ୍ୱାବଧାନରେ ଲଗା ଯାଇଥିବା ଷ୍ଟଲ ଖୁବ ସୁନ୍ଦର ଓ ଆକର୍ଷଣୀୟ ହୋଇଥିବା ଦେଖିବାକୁ ମିଳିଛି। ଏଥିରେ ମୃତିକା ସଂରକ୍ଷଣ ବିଭାଗ ପକ୍ଷରୁ ଚାଷୀଙ୍କ ପାଇଁ ଯୋଗାଇ ଦିଆ ଯାଉଥିବା ସମସ୍ତ ପ୍ରକାର ସୁବିଧା, ସୁଯୋଗ ତଥା କାର୍ଯ୍ୟକ୍ରମ ଗୁଡିକ ଚାଷୀ ମାନେ କୃଷି ପାରିବା ପରି ଷ୍ଟଲ ଭିତରେ ଖୁବ ସୁନ୍ଦର ଭାବରେ ସାଜ ସଜା କରି ପ୍ରତିଟି ଜିନିଷକୁ ପ୍ରଦର୍ଶିତ କରା ଯାଇଛି। ତା ସହିତ ବିଭାଗୀୟ କର୍ମଚାରୀ ମାନେ ଷ୍ଟଲ ଲୁ ଯାଉଥିବା ଚାଷୀ ମାନଙ୍କୁ ମୃତିକା ସଂରକ୍ଷଣ ବିଭାଗ ପକ୍ଷରୁ ଯୋଗାଇ ଦିଆ ଯାଉଥିବା ସୁବିଧା ଗୁଡିକର ବିସ୍ତରି ଲାଭ ଉଠାଇ ପାରିବେ ସେ ସମ୍ପର୍କରେ ସମସ୍ତଙ୍କୁ ଅତି ପ୍ରାଞ୍ଜଳ ଭାବରେ ବୁଝାଇ ଦେଉଥିବାର ଦେଖିବାକୁ ମିଳିଛି। ଏହି ଷ୍ଟଲକୁ ମୃତିକା ସଂରକ୍ଷଣ ଓଉରସିଆର ସୁରେନ୍ଦ୍ର କୁମାର ମହାନ୍ତ, ସମ୍ପ୍ରସାରଣ କର୍ମଚାରୀ ସିପୁନ କୁମାର ନାୟକ, ସମ୍ପ୍ରସାରଣ କର୍ମଚାରୀ ଅରବିନ୍ଦ ନାୟକ, ଓଉରସିଆର ସମୀମା ପରଡିନ, ନରେଗା ପ୍ରକଳ୍ପ ସହାୟକ ମୁଦାସର ଭାଲେବ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଜନନିନୀ କେନ୍ଦୁଝର ଜିଲ୍ଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ , ସାବିତ୍ରୀ କାର୍ଯ୍ୟକାରୀ ସଭାନେତ୍ରୀ

କେନ୍ଦୁଝର,୧୭/୨(ନି/ପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କେନ୍ଦୁଝର ଜିଲ୍ଲା ସମେତ ଅନ୍ୟାନ୍ୟ ଜିଲ୍ଲାର ମହିଳା ଶାଖାର ମୁଖ୍ୟମାନଙ୍କ ନାମ ଘୋଷଣା କରିଛନ୍ତି। କେନ୍ଦୁଝର ଜିଲ୍ଲାପରିଷଦର ପୂର୍ବତନ ଅଧ୍ୟକ୍ଷା ଜନନିନୀ ପାତ୍ର ଜିଲ୍ଲା ସଭାନେତ୍ରୀ ଭାବେ ମନୋନୀତ ହୋଇଥିବା ବେଳେ ହାଟଡିହି ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ନିଯୁକ୍ତି ପାଇଛନ୍ତି। କେନ୍ଦୁଝରଗଡ଼ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷା ତଥା ସବର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀନୀ ମୀନା ମାଝୀ, ଜିଲ୍ଲା ପରିଷଦ ସଦସ୍ୟା ତଥା ପୂର୍ବତନ ଜିଲ୍ଲା ମହିଳା ସଭାନେତ୍ରୀ ଓ ଚମ୍ପୁଆ ବ୍ଲକର ପୂର୍ବତନ ଅଧ୍ୟକ୍ଷା ରମଣୀ ନାୟକ, ମହିଳା କମିଶନର ପୂର୍ବତନ ସଦସ୍ୟା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଛୋଟରାୟ ମାଝୀଙ୍କ ବୋହୂ ବାସନ୍ତୀ ମାଝୀ,ଚେଲକୋଇ ବ୍ଲକର ପୂର୍ବତନ ଅଧ୍ୟକ୍ଷା ସତ୍ୟଭାମା ସିଂ ରାଜ୍ୟ କମିଟିରେ ଉପ ସଭାନେତ୍ରୀ ପଦ ପାଇଥିବା ବେଳେ ଯୋଡ଼ା ପୌରପାଳିକାର ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର,୨୩ନମ୍ବର ଜିଲ୍ଲାପରିଷଦ ସଦସ୍ୟା ରୁନୁ ମହାନ୍ତ,୧୦ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ମଧୁସ୍ମିତା ଦାସ, ୭ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ଯାଜ୍ଞସେନୀ ମହାନ୍ତ,ମଞ୍ଜୁଲତା ଓରାମ, ବୀଣାପାଣି ଦାସ ଓ ବଡ଼ବିଲ ପୌରପାଳିକାର ଉପାଧ୍ୟକ୍ଷା ସରସ୍ୱତୀ ନାୟକ ସମ୍ମାଦକ ଭାବେ ମନୋନୀତ ହୋଇଛନ୍ତି ବୋଲି ଜିଲ୍ଲା ବିଜୁ ଜନତା ଦଳ ସଭାପତି ଆଶିଷ ଚକ୍ରବର୍ତ୍ତୀ ପ୍ରକାଶ କରିଛନ୍ତି।

ଅରାଙ୍ଗ ବାଲୁଙ୍କେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଖୋର୍ଦ୍ଧା,୧୭/୨(ନି/ପ୍ର): ଖୋର୍ଦ୍ଧା ଉପଜିଲ୍ଲା ଅରାଙ୍ଗ ଖେଳପଡିଆ ଠାରେ ଅରାଙ୍ଗ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୪ ତମ ବାଲୁଙ୍କେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି।ଆଜିର ଉଦଘାଟନୀ ବିବସରେ ଗ୍ରାମର ସମାଜସେବୀ ସୁଶାନ୍ତ କୁମାର ନାୟୁଆ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ।ଆଜିର ପ୍ରଥମ ମ୍ୟାଚରେ ପଲାସପୁର୍ ଦଳ ଅରିସଲ ଦଳ କୁ ୦୨ ରନ୍ ରେ ପରାସ୍ତ କରିଛି । ତସ ଜିତି ଅରିସଲ୍ ଦଳ ପ୍ରଥମେ ବୋଲିଂ କରିବାର ନିଷ୍ପତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ପଲାଶପୁର୍ ଦଳ ନିର୍ଦ୍ଧାରିତ ୧୦ ଓଭର ରେ ୦୬ ଡ଼ିକେଟ ହରାଇ ୧୧୮ରନ୍ ସଂଗ୍ରହ କରିଥିଲା ।ଦଳ ପକ୍ଷରୁ ଚନ୍ଦନ କୁମାର ସାହୁ ୩୨ ରନ୍ ସଂଗ୍ରହ କରିଥିଲେ । ଜବାବ ରେ ଆରିସଲ ଦଳ ୧୦ ଓଭର ରେ ୫ ଟି ଡ଼ିକେଟ ହରାଇ ୧୧୬ ରନ୍ ସଂଗ୍ରହ ପରାସ୍ତ ହୋଇଥିଲେ ।ପଳାଶ ପୁର ଦଳ ପକ୍ଷରୁ ଚନ୍ଦନ କୁମାର ସାହୁ ୩୨ ରନ୍ ଓ ୩ ଟି ଡ଼ିକେଟ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ଗୁରୁଜଙ୍ଗ ଏବଂ ଯାଆଁଳା ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ଟସ୍ ରେ ବିଜୟ ଲାଭ କରି ଯାଆଁଳା ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା ।ପ୍ରଥମେ ବ୍ୟାଟିଂ କରି ଯାଆଁଳା ଦଳ ନିର୍ଦ୍ଧାରିତ ୧୦ ଓଭର ରୁ ୯ ଡ଼ିକେଟ ହରାଇ ୯୬ରନ ସଂଗ୍ରହ କରିଥିଲେ ।ଜବାବରେ ଗୁରୁଜଙ୍ଗ ଦଳ ନିର୍ଦ୍ଧାରିତ ୮ ଓଭର ରୁ ୯୮ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲେ ।ଗୁରୁଜଙ୍ଗ ଦଳର ଅନିଲ ବରାଳ ୪ ଟି ଡ଼ିକେଟ ନେଇ ଶ୍ରେଷ୍ଠ ଖେଳାଳୀ ବିବେଚିତ ହୋଇଥିଲେ ।ଆଜିର ବିଦାୟାର୍ଦ୍ଧରେ ଗୁରୁଜଙ୍ଗ ଓ ପଳାଶ ପୁର ମଧ୍ୟରେ ହ୍ୱାର୍ଟସ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ଟସ୍ ରେ ବିଜୟ ଲାଭ କରି ପଳାଶ ପୁର ଦଳ ପ୍ରଥମେ ବୋଲିଙ୍ଗ କରିବାର ନିଷ୍ପତି ନେଇଥିଲା ।ପ୍ରଥମେ ବ୍ୟାଟିଂ କରି ଗୁରୁଜଙ୍ଗ ଦଳ ନିର୍ଦ୍ଧାରିତ ୧୦ ଓଭର ରେ ୩ ଡ଼ିକେଟ ହରାଇ ୧୫୯ ରନ୍ ସଂଗ୍ରହ କରିଥିଲା ।ଜବାବ ରେ ପଳାଶପୁର ଦଳ ନିର୍ଦ୍ଧାରିତ ୧୦ ଓଭର ରୁ ୧୧୦ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା ।ପଳାଶ ପୁର ଦଳ ପକ୍ଷରୁ ଚନ୍ଦନ କୁମାର ସାହୁ ୩୨ ରନ୍ ଓ ୩ ଟି ଡ଼ିକେଟ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ଗୁରୁଜଙ୍ଗ ଏବଂ ଯାଆଁଳା ମଧ୍ୟରେ ଖେଳି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।ଆଜିର ଖେଳକୁ ସୁମନ୍ତ ବେହେରା ,ଶିବରାମ ପୃଷ୍ଟି ଓ ସୂର୍ଯ୍ୟକାନ୍ତ ସ୍ୱାଇଁ ପରିଚାଳନା କରିଥିବା ବେଳେ ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ ଓ ଆଲୋକ ପ୍ରତିହାରୀ ରହିଥିଲେ ।ସେହିପରି ଭାଷ୍ୟକାର ଭାବରେ ପ୍ରଶାନ୍ତ ନାୟୁଆ ଓ ସତ୍ୟବ୍ରତ ଦାସ କାର୍ଯ୍ୟ କରିଥିଲେ । ସୁରେନ୍ଦ୍ର ପୃଷ୍ଟି ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ । ବିତୀୟ ଦିବସ ସୋମବାର ପ୍ରଥମ ମ୍ୟାଚ୍ ଗଙ୍ଗପଡା ବନାମ ପାନବଲ ଓ ଦ୍ୱିତୀୟ ମ୍ୟାଚ୍ କୁମାରବଣ୍ଡ ବନାମ ଭାଲିଆବାଡି ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୁଜିତ୍ ସାମନ୍ତରାୟ ଜଣାଇଛନ୍ତି ।ଆଜିର ମ୍ୟାଚଗୁଡ଼ିକୁ ଅରାଙ୍ଗ କ୍ରିକେଟ କ୍ଲବ ର ସମସ୍ତ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ ।

୨୬ତମ

ବିବିଧା

ରାଶି ଫଳ

ମେଷ: ବ୍ୟବସାୟରେ ଶାନ୍ତି ଫେରିବ। ବିଦ୍ୟାର୍ଥୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ଗୁରୁଜନଙ୍କୁ ଶ୍ରଦ୍ଧା ଓ ସମ୍ମାନ କରିବେ। ଆଧ୍ୟାତ୍ମିକ କାର୍ଯ୍ୟରେ ଆଗ୍ରହ ବଢିବ। ପରିଶ୍ରମର ଫଳରେ ପଦୋନ୍ନତି ମିଳିବ।

ବୃଷଭ:ବନ୍ଧୁଙ୍କ ଭିତରେ ନିଜ ପାଇଁ ସ୍ଥାନ ବନାଇବା କରିବେ। ଭାଇଭଉଣୀଙ୍କୁ ସୁଖରେ ରଖିବେ। ବ୍ୟବସାୟରେ ଏମାଧ୍ୟମରେ ଲାଭ କରିବେ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

ମିଥୁନ: ଅତିକ୍ରମ ଜାତୀୟଙ୍କଠାରେ ଦେଖାଯାଇବାର ସୁଯୋଗ ପାଇବେ। ପରିବାରରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। କୃଷି। ଲାଭ ଆଣେ କରିବେ। ବୈବାହିକ ଜୀବନ ସୁଖମୟ ହେବ।

କର୍କଟ: ବନ୍ଧୁ ଭଲରେ କଟିବ। ସ୍ୱାସ୍ଥ୍ୟରେ ଲାଭ ପରିଲକ୍ଷିତ ହେବ। ପରିବାରରେ ଭୁଲ ବୁଝାମଣା ଦେଖା ଦେବ। ଜୀବନସାଥୀଙ୍କ ସହ ଭୁଲିବାକୁ ଥିବେ। ବ୍ୟବସାୟରେ ଲାଭ ହେବ।

ସିଂହ: ସମ୍ପତ୍ତିରେ ମୀଳ, ପ୍ରତିଷ୍ଠା ବଢାଇ ରହିବ। ସମ୍ପର୍କୀୟଙ୍କଠାରୁ ଅର୍ଥିକ ସହଯୋଗ ଲୋଡ଼ିବେ। ବ୍ୟବସାୟକୁ ନେଇ ବଡ଼ ନିଷ୍ପତ୍ତି ନେବେ। ଜଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

କନ୍ୟା: ସ୍ୱାସ୍ଥ୍ୟଭାଙ୍ଗିବାରେ ପରିଲକ୍ଷିତ ହେବ। ଚାକିରିଖୋଜା ପାଇଁ ବିଦେଶ ଯାତ୍ରା କରିବେ। ଅପିସରେ ପଦୋନ୍ନତି ସମ୍ଭାବନା ଅଛି। ପରିବାର ସଦସ୍ୟଙ୍କ ସହ ମତଭେଦ ଦେଖା ଦେବ।

ତୁଳା: ପରିବାର ଲାଗି ନୂତନ ସ୍ଥାନକୁ ଯାତ୍ରା କରିବେ। ଗେଟ ଜନିତ ସମସ୍ୟା ପାଇଁ ଚିକିତ୍ସାରେ ରହିବେ। ଧାରଣ କରାଯାଇକୁ ଦୂରେଇ ରହିବେ। ପାଳନୀୟ କାର୍ଯ୍ୟକ୍ରମ ସମ୍ପନ୍ନ ହେବ।

ବିଛା: ବିଳମ୍ବିତ ଜର୍ମଜ୍ଞାନ ରହିବେ। ଜୀବନରେ ଗଭୀରାତ୍ମକ ପରିବର୍ତ୍ତନ ଆସିବେ। ବ୍ୟବସାୟ ବୃଦ୍ଧି ଲାଗି କୃଷ୍ଣ ଯୋଜନା କରିବେ। ଜୀବନସାଥୀଙ୍କ ସହ ସୁଖର ସମୟ ଅତିବାହିତ କରିବେ।

ଧନୁ: ଅପିସ୍‌ରେ କାର୍ଯ୍ୟଭାର ବୃଦ୍ଧି ପାଇବ। ଅପ୍ରୀତା ଗ୍ରାମ୍ଭ ଦୂରଭାଷ ରହିବେ। ଦେବାଦିନ ଜୀବନ ସୁଖମୟ ହେବ। ପ୍ରେମ ସମ୍ପର୍କ ମଜବୁତ ହେବ। ନିଷ୍ପତ୍ତି ସୁଯୋଗ ପାଇବେ।

ମକର: ଅପିସ୍‌ରେ ବୃଦ୍ଧି ପାଇଁ ଚେଷ୍ଟା କରିବେ। କାର୍ଯ୍ୟରେ ବ୍ୟସ୍ତ ରହିବେ। ବନ୍ଧୁଙ୍କ ମାନକରି ରହିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ପରିବାରରେ ସମସ୍ତଙ୍କୁ ଲାଭ ରହିବ।

କୁମ୍ଭ: ଦିନଟି ହସଖୁସିରେ ଅତିବାହିତ କରିବେ। ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ହେବେ। ମାଙ୍ଗଳିକ କାର୍ଯ୍ୟକ୍ରମରେ ଯୋଗଦେବ ହେବେ। ସାମାଜିକ ଓ ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ।

ମୀନ: ସହକର୍ମୀଙ୍କ ସହଯୋଗରେ ଅଟକିଥିବା କାର୍ଯ୍ୟ ଗୁଡ଼ା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ଦିନ କାଟିବେ। ବିଦ୍ୟାର୍ଥୀ ନିଜକୁ ଭଲରେ ସମୟ ଅତିବାହିତ କରିବେ।

ଆଜିର ଇତିହାସ

- ୧୯୦୫- ଗାନ୍ଧିଜୀ ପ୍ରଥମ ଥର ଶାନ୍ତିନିକେତନ ଯାତ୍ରା କରିଥିଲେ।
- ୧୯୩୩- ଆମେରିକାରେ ସାପ୍ତାହିକ ପତ୍ରିକା "ନ୍ୟୁଜ୍ ୱିକ୍" ପ୍ରକାଶିତ।
- ୧୯୬୬- ଜର୍ମାନୀର ହ୍ୟାମବର୍ଗରେ ଆସିଥିବା ଭୋପାଳରେ ୨୬୫ ଜଣଙ୍କ ପ୍ରାଣହାନି।
- ୧୯୯୩- ଲେଖାନେସିଆରେ ଆସିଥିବା ଭୂମିକମ୍ପ ଯୋଗୁଁ ୧୦୦ ଲୋକଙ୍କ ପ୍ରାଣହାନି।
- ୨୦୦୯- ନିର୍ବାଚନ ଆୟୋଗ ଅନ୍ତିମ ଚରଣ ମତଦାନ ଶେଷ ହେବା ମଧ୍ୟରେ ଏକଟିଙ୍ଗ୍ ମେସିନ୍‌ର ପ୍ରୟୋଗ ଜମାରେ ରେକର୍ଡ଼ ହୋଇଛି।

ଅବସରପ୍ରାପ୍ତ ଆଇପିଏସ୍‌ଙ୍କ ମହାନତା

ଚାକିରି ଜୀବନର ଅବସର ନେଇ ଲୋକେ ଆରାମ କରିଥାନ୍ତି। ପରିବାର ଲୋକଙ୍କ ସହ ସମୟ ଅତିବାହିତ କରନ୍ତି। ହେଲେ ଏମିତି ବ୍ୟକ୍ତିକୁମ ବରିଷ୍ଠକୁଳ ଅବସରପ୍ରାପ୍ତ ଆଇପିଏସ୍ ଜାହ୍ନବି ସିଂହ ଗିଲ୍ । ବୟସ ତାଙ୍କୁ ୮୮ ବର୍ଷ। ସେ ଭାରତୀୟ ପୁଲିସ ସେବାର ଜଣିକ ଅଧିକାରୀ ଭାବେ କାମ କରିଛନ୍ତି। ଦିଆଯାଇ ପରି ଦଡ଼ ପରବରରେ ସେ କାମ କରି ସାରିଛନ୍ତି। ହେଲେ ଚାକିରିରୁ ଅବସର ନେବା ପରେ ସେ ପରିବେଶ ଓ ସମାଜକୁ ସଫା ରଖିବାକୁ ଚିନ୍ତା କରିଥିଲେ। ଚଣ୍ଡିଗଢ଼ରେ ଦିନକୁ ଦିନ ଅଜିଆ ଆବର୍ଜନା ବୃଦ୍ଧି ପାଇଥିବା ଦେଖି ସେ ଅନେକ ଥର ସ୍ୱର ଉଠାଇଥିଲେ। ହେଲେ ଏହାର କୌଣସି ସମାଧାନ ହୋଇ ନ ଥିଲା। ଏଥିପାଇଁ ସେ ସାଧାରଣ ଲୋକ ନିଜେ ଆବର୍ଜନା ନିଜେ ନେଇଯିବେ। ସେ ପ୍ରତିଦିନ ସକାଳେ ହାତରେ ଝାଡ଼ୁ ଏବଂ ଅଖା ଧରି ବାହାରି ଯାଆନ୍ତି। ସେ ଯେଉଁଠାରେ ଏହି କାମ ଆରମ୍ଭ କରିଥିଲେ କିଛି ଲୋକ ତାଙ୍କୁ ଥଟ୍ଟା ପରିହାସ କରନ୍ତି। ହେବେ ହେବେ ପାରେ ବୋଲି ତାଙ୍କୁ କହିବାକୁ ଲାଗିଲେ। ଲୋକେ ଏସବୁକୁ ଧ୍ୟାନ ଦେଉ ନ ଥିଲେ ଲଢ଼ୁକିଲେ। ସେ କିଛିଦିନ ଲକ୍ଷ୍ୟପ୍ରାପ୍ତରେ ଆମଲେ ଜାଣିପାରିଲେ। ଝିଟିକିକ ସେ ଗାଡ଼ୀ ଚାଳକ ଜଣକ କହୁଥିବାର ଦେଖି କିଛି ଲୋକ ତାଙ୍କ ଜହିର ଯୋଡ଼ି ହୋଇଥିଲେ। ପରିବାର ଲୋକେ ମଧ୍ୟ ତାଙ୍କୁ ଏହି କାମରେ ସାହାଯ୍ୟ କରୁଥିଲେ। ଚାରିଦିନ୍‌ରେ ଏକ ଛୋଟ ପ୍ରୟାସ ଧୀରେ ଧୀରେ ଜନ ଆନ୍ଦୋଳନର ରୂପ ନେଇଗଲା। ତାଙ୍କର ଏହି ନିଷ୍ଠାପର କାମ ପାଇଁ ବର୍ତ୍ତମାନ ସାଧାରଣରେ ଦିବସରେ ମାତ୍ର ସହଜାତକ ପକ୍ଷରୁ ତାଙ୍କୁ ପ୍ରଚୁରୀ ଉଚ୍ଚାଳରେ ଉଚ୍ଚାଳିତ କରାଯାଇଛି। ଲୋକେ ବଳକା ସମୟରେ ଗାଡ଼ିରେ ବସି ଯାତ୍ରା କରିଥିଲେ। ସେ ଏହା ଦେଖି ଏହି ନିଷ୍ଠାପର ବ୍ୟକ୍ତିଙ୍କ ପ୍ରତି ଶ୍ରଦ୍ଧା ଜାଗିଉଠିଲା। ଏହି ଘଟଣା ଦେଖି ସେ ଆଉ ଚୁପ୍ ରହି ନ ପାରି ଲୋକଙ୍କ ସହ ସମ୍ପୃକ୍ତ ଅଧିକାରୀ ଭାବେ କାମ କରିଛନ୍ତି। ଦିଆଯାଇ ପରି ଦଡ଼ ପରବରରେ ସେ କାମ କରି ସାରିଛନ୍ତି। ହେଲେ ଚାକିରିରୁ ଅବସର ନେବା ପରେ ସେ ପରିବେଶ ଓ ସମାଜକୁ ସଫା ରଖିବାକୁ ଚିନ୍ତା କରିଥିଲେ। ଚଣ୍ଡିଗଢ଼ରେ ଦିନକୁ ଦିନ ଅଜିଆ ଆବର୍ଜନା ବୃଦ୍ଧି ପାଇଥିବା ଦେଖି ସେ ଅନେକ ଥର ସ୍ୱର ଉଠାଇଥିଲେ। ହେଲେ ଏହାର କୌଣସି ସମାଧାନ ହୋଇ ନ ଥିଲା। ଏଥିପରେ ସେ ସାଧାରଣ ଲୋକ ନିଜେ ଆବର୍ଜନା ନିଜେ ନେଇଯିବେ। ଏଥିପାଇଁ ସେ ଝାଡ଼ୁ ଏବଂ ଅଖା ଧରି ବାହାରି ଯାଆନ୍ତି। ସେ ଯେଉଁଠାରେ ଏହି କାମ ଆରମ୍ଭ କରିଥିଲେ କିଛି ଲୋକ ତାଙ୍କୁ ଥଟ୍ଟା ପରିହାସ କରନ୍ତି। ହେଲ

ଉତ୍କଳ ସମାଚାର

ସମ୍ପାଦକୀୟ...

ବୁଧବାର ୧୮ ଫେବୃଆରୀ ୨୦୨୬

ସ୍ମାର୍ଟଫୋନର ବିପଦ

ନିକଟରେ ଭାରତପ୍ରଦେଶର ଗାଜିଆବାଦରେ ଏକ ବହୁଚର୍ଚ୍ଚିତ ପ୍ରସାଦର ନବମ ମହଲାରୁ ଡେଇଁ ତିନି ଭଉଣୀ, ଯେଉଁମାନଙ୍କର ବୟସ ଯଥାକ୍ରମେ ୧୨, ୧୪ ଓ ୧୬ ବର୍ଷ, ଆତ୍ମହତ୍ୟା କରିବା ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି । ପ୍ରାଥମିକ ତଦନ୍ତରୁ ଜଣାଯାଇଛି ଯେ, ସ୍ମାର୍ଟ ଫୋନରେ 'ଲୋରିଆନ ଲଭ ଗେମ' ପ୍ରତି ସେମାନଙ୍କର ମାତ୍ରାଧିକ ଆସକ୍ତି ଜୀବନ ହାରିବାର କାରଣ ହୋଇଛି । ତଦନ୍ତରୁ ଆହୁରି ଜଣାପଡିଛି ଯେ, ଅଧ୍ୟ କିଶୋରରୁ ଆଧ୍ୟ ଯୌବନ ମଧ୍ୟରେ ଥିବା ତିନି ଭଉଣୀଙ୍କର କୋରିଆନ ଲଭ ଗେମ୍ ପ୍ରତି କିଶା ଏତେ ପ୍ରବଳ ଥିଲା ଯେ, ସେମାନେ ନିୟମିତ ରାତ୍ରି ଅଳିପ୍ରା ହେବା ଫଳରେ ସ୍କୁଲ କଲାଜ ଦିନରେ ନିଦ୍ରାଛନ୍ନ ରହୁଥିଲେ । ଏଥିରେ କ୍ରୋଧିତ ହୋଇ ସେମାନଙ୍କର ପିତା ସେମାନଙ୍କ ଠାରୁ ମୋବାଇଲ ଫୋନକୁ ଛଡାଇ ନେଇଥିଲେ । ଏଥିରେ ନିସର୍ଙ୍ଗ ହୋଇ ସେମାନେ ଶୋଇପାରିନଥିଲେ । 'ଲୋରିଆନ ଲଭ ଗେମ୍' ବିନା ସେମାନେ ବଂଚି ରହିପାରିବେ ନାହିଁ ଏବଂ ଶେଷରେ ଜୀବନ ହାରିବା ଭଳି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହେଲେ ବୋଲି ସେମାନେ ଲେଖିଥିବା ଡାଏରୀରୁ ଜଣାଯାଇଛି । ଡିଜିଟାଲ ନିଶା ବା ଆସକ୍ତି ଜୀବନ ନେବା ଏଇ ଗୋଟିଏ ଘଟଣା ଆମ ଦେଶରେ ଘୁଟେ । ଅତୀତରେ ଏପରି ବହୁ ଦୁଃଖଦ ଘଟଣା ଘଟିଛି । ବହୁ ଚର୍ଚ୍ଚିତ ହୁ ହେଲା ଗେମ ଅତୀତରେ ବିଶ୍ୱବ୍ୟାପୀ ଏକ ମରଣ ଯନ୍ତ୍ରାରେ ପରିଣତ ହୋଇଥିଲା, ଯେଉଁଥିରେ ଶହ ଶହ କିଶୋର, କିଶୋରୀ, ଛାତ୍ରଛାତ୍ରୀ ବାଧବାଧକତା ହୋଇ ଆତ୍ମହତ୍ୟା କରିଥିଲେ । ସେହିପରି ଜର୍ମାନି ଅଫ ଆମେରିକା ମେଡିକାଲ ଆସୋସିଏସନ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଡିଜିଟାଲ ମାୟାରେ ବାୟା ହୋଇ ବିଶ୍ୱବ୍ୟାପୀ ୪ହଜାରରୁ ଊର୍ଦ୍ଧ୍ୱ ଜୀବନ ହାରିଛନ୍ତି । ଯେଉଁମାନଙ୍କ ମଧ୍ୟରେ ଆଧ୍ୟ କିଶୋରରେ ପ୍ରବେଶ କରି କୋମଳମତି ନାବାଳକ, ନାବାଳିକାଙ୍କ ସହ ଆଧ୍ୟ ଯୌବନରେ ପ୍ରବେଶ କରିଥିବା ବହୁ ଯୁବକ-ଯୁବତୀ ଅନ୍ତର୍ଭୁକ୍ତ ଅଛନ୍ତି, ଯେଉଁମାନଙ୍କର ସଂଖ୍ୟା ଚାରି ହଜାରରୁ ଊର୍ଦ୍ଧ୍ୱ ବୋଲି ରିପୋର୍ଟରେ କୁହାଯାଇଛି । ରିପୋର୍ଟରେ ଆହୁରି ପ୍ରକାଶ ପାଇଛି ଯେ, ଏହି ବୟସ ବର୍ଗରେ ୧୯,୦୦୦ ଜଣଙ୍କ ମଧ୍ୟରୁ ୨୨ପ୍ରତିଶତ ପ୍ରତ୍ୟହ ଛଅଘଂଟାରୁ ଅଧିକ, ୨୭ପ୍ରତିଶତ ତିନି ଘଂଟାରୁ ୬ଘଂଟା, ୨୨ ପ୍ରତିଶତ ଘଂଟାଏରୁ ଘଣ୍ଟଟା ସ୍ମାର୍ଟଫୋନ ନିଶାରେ କବଳିତ ଥିବାବେଳେ ୧୨ପ୍ରତିଶତ ଏଥିରୁ ନିବୃତ ବା ଅସମ୍ପୃକ୍ତ ରହିଛନ୍ତି । କେବଳ ଏତିକି ନୁହେଁ, ସ୍ମାର୍ଟଫୋନ ଦେଖୁଥିବା ପିଲାମାନଙ୍କ ମଧ୍ୟରୁ ୭୦ପ୍ରତିଶତ ଶ୍ୱାସରୋଗ କବଳିଛନ୍ତ ଏହାର ମୋହରେ ସେମାନେ ସମ୍ପୂର୍ଣ୍ଣ ବାୟା ବା କବଳିତ । ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ଏବେ ୧ଶହ କୋଟିରୁ ଅଧିକ ଡିଜିଟାଲ ବା ସ୍ମାର୍ଟଫୋନ ବ୍ୟବହାରକାରୀ ଅଛନ୍ତି । ସରକାର ମଧ୍ୟ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରୁଛନ୍ତି । ଏହା ନିସନ୍ଦେହ ଯେ, ଭାରତ ବିଶ୍ୱର ସର୍ବବୃହତ ଓ ଦ୍ରୁତ ଅଭିବୃଦ୍ଧିଶୀଳ ଡିଜିଟାଲ ବଜାର ଭାବେ ଉଭା ହୋଇଛି । ଦେଶର ପ୍ରାୟ ୪୨ପ୍ରତିଶତ ପରିବାର ଡିଜିଟାଲ ସାକ୍ଷର । କେବଳ ଏତିକି ନୁହେଁ, ପିଲାଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଏବେ ସ୍ମାର୍ଟ ଫୋନ ସମୟ ବିତାଇବାରେ ଉପକରଣ ପାଲଟିଥିବା କୁହାଯାଇପାରେ, ଙ୍କଟଜନକ ସହାୟତାରେ ବିଭିନ୍ନ ପିଲା ଜ୍ଞାନ ଆହରଣ ମାଧ୍ୟମ ପାଲଟିଥିବା ଅସ୍ୱୀକାର କରାଯାଇନପାରେ କିନ୍ତୁ ଜ୍ଞାନ ପରିବର୍ତ୍ତେ ଖରାପ ଗ୍ରହଣ କରିବା ପିଲାଙ୍କ ମନୋଭାବ ପାଲଟିଛି । ଯାହାକି ଶେଷରେ ଜୀବନ ନେଉଛି । ଏହାର ମାତ୍ରାଧିକ ବ୍ୟବହାର ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ, ନିଦ୍ରାହାରନା, ଶୈକ୍ଷିକ ପ୍ରଦର୍ଶନର ଜ୍ଞାନ ଆହରଣ, କାର୍ଯ୍ୟ କରିବାର ଦକ୍ଷତାକୁ ମଧ୍ୟ ପ୍ରଭାବିତ କରୁଥିବା ଏକ ବିଶ୍ୱସ୍ତଣାତ୍ମକ ରିପୋର୍ଟରୁ କୁହାଯାଇଛି । ଏହା ନିସନ୍ଦେହ ଯେ, ପ୍ରତି ପ୍ରତିକ୍ରିୟାରେ ସମାନ ବିପରୀତ ପ୍ରତିକ୍ରିୟା ଥାଏ । ସ୍ମାର୍ଟଫୋନରେ ବ୍ୟବହାର ଏବେ ଯେତିକି ଅପରିହାର୍ଯ୍ୟ ହୋଇପଡିଛି, ସେତିକି ମାତ୍ରାରେ ପିଲାଙ୍କଠାରୁ ଆରମ୍ଭ କରି ସମସ୍ତଙ୍କ ପାଇଁ ବିପରେତ କାରଣ ହୋଇଛି । ଏହାକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ବିଶ୍ୱର ସର୍ବପ୍ରଥମ ରାଷ୍ଟ୍ର ଭାବେ ଆଇନ ବଳରେ ୧୬ବର୍ଷରୁ କମ୍ ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମ ବ୍ୟବହାରକୁ ନିଷିଦ୍ଧ କରିଛି । ଅଷ୍ଟ୍ରେଲିଆ ପଦାଙ୍କ ଅନୁସରଣ କରିଜଲ୍ୟାଣ୍ଡ ସହ କେତେକ ରାଷ୍ଟ୍ର ଅନୁରୂପ ପଦକ୍ଷେପ ଗ୍ରହଣ କରୁଥିବା ଜଣାଯାଏ । ଆମ ଦେଶରେ ନିକଟରେ ପ୍ରକାଶିତ ୨୦୨୫-୨୫ ଅର୍ଥନୈତିକ ସର୍ଭେ ରିପୋର୍ଟରେ ସାମାଜିକ ଗଣମାଧ୍ୟମର ବ୍ୟବହାର ବ୍ୟୟଭିତ୍ତିକ କରିବା ପାଇଁ ମତ ରଖେ । କେନ୍ଦ୍ରରେ କ୍ଷମତାସୀନ ଏନଡିଏର ଅଂଶୀଦାର ଦଳ ତେଲୁଗୁଦେଶମ ପାର୍ଟିର ସଂସଦୀୟ ଦଳର ନେତା ୧୬ବର୍ଷ ବୟସରୁ କମ୍ ପିଲାଙ୍କ ପାଇଁ ମୋବାଇଲ ବ୍ୟବହାର ନିଷିଦ୍ଧ କରିବାକୁ ଏକ ବେସରକାରୀ ବିଲ୍ ପାର୍ଲିଆମେଂଟରେ ଆଗତ କରିବାକୁ ନିଷ୍ପତି ନେଇଥିବା ଜଣାଯାଏ । ଏହା ନିସନ୍ଦେହ ଯେ, ଭବିଷ୍ୟତରେ ଗାଜିଆବାଦ ପରି ଘଟଣାର ଯେପରି ପୁନରାବୃତି ଘଟେ, ସେଥିପ୍ରତି ଧ୍ୟାନ ଦେବା ଲାଗି ଦେବା ଆବଶ୍ୟକ । କେବଳ ଏତିକି ନୁହେଁ, ପିଲାଙ୍କୁ ଏଥିରୁ ନିବୃତ ରଖିବା ଏବେ ଏକ ଚ୍ୟାଲେଞ୍ଜ ସଦୃଶ ଉଭା ହୋଇଛି ।

ଦୃଶ୍ୟାନ୍ତର !

ବାଂଲାଦେଶକୁ ଏକ ଟ୍ରିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବାର ପ୍ରତିଶ୍ରୁତି ଦେଇଥିବା ତାରିକ ରହମନ ଅବଲାଳା କ୍ରମେ ପ୍ରତିଶୋଧ ରାଜନୀତି ଓ ଉଗ୍ର ମୌଳବାଦର ଆବର୍ତରେ ଆପଣା ସତ୍ତା ହରାଇ ପାରନ୍ତି । ତେଣୁ, ଜମାତର ହାତ ଧରି ପ୍ରଥମେ ପାକିସ୍ତାନ ଏବଂ ତା' ପରେ ପାକିସ୍ତାନର ହାତ ଧରି ଚୀନର ପ୍ରବେଶ ବାଂଲାଦେଶକୁ ଭାରତ ସମକ୍ଷରେ ଏକ ବୃହତ୍ ଆହ୍ୱାନ ଭାବେ ଛିଡ଼ା କରାଇପାରେ । ଗଲା ୧୩ ତାରିଖରେ ବାଂଲାଦେଶରେ ଏକ ନିର୍ବାଚିତ ସରକାର କ୍ଷମତାସୀନ ହେବା ଏକ ସକାରାତ୍ମକ ଘଟଣା ଏବଂ ବିଶେଷ କରି ଭାରତ ସକାଶେ ଜିଜିଟା ଆଶ୍ୱାସନାମୂଳକ; କାରଣ, ୨୦୨୪ ମସିହା, ଅଗଷ୍ଟ ମାସର ସଡ଼କ ବିଦ୍ରୋହ ପର ଠାରୁ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଶାସନ ସମ୍ଭାଳୁ ଥିବା କାମଚଳା ସରକାର ଗଲା ଦେଢ଼ ବର୍ଷ ଧରି ଭାରତ ସଂପର୍କିତ ତା'ର ନୀତି ଓ ଆଭିମୁଖ୍ୟରେ ସମୁଦ୍ରରେ ଭାସି ବୁଲୁଥିବା ଏକ ଲଙ୍ଗରହୀନ ଜାହାଜ ସୁଲଭ ଲକ୍ଷ୍ୟହୀନତା ପ୍ରଦର୍ଶନ କରୁଥିଲା, ଯେଉଁ ସ୍ଥିତିରେ ଏବେ ପରିବର୍ତ୍ତନ ଘଟି ସ୍ଥିରତା ଆସିବାର ସମ୍ଭାବନା ଉଜ୍ଜ୍ୱଳ । ତେବେ, ଏହା ମଧ୍ୟ ଏକ ବାସ୍ତବତା ଯେ ବାଂଲାଦେଶର ରାଜନୀତି ସଂପ୍ରତି ଏଭଳି ଏକ ଚୋରାବାଲିରେ ପରିଣତ ହୋଇଛି ଯେ ସେଥିରେ ୨୦୯ଟି ଆସନ ସହିତ ଦୁଇ-ତୃତୀୟାଂଶରୁ ଅଧିକ ଆସନ ଜିଣି କ୍ଷମତା ଦଖଲ କରିଥିବା 'ବାଂଲାଦେଶ ନେସନାଲିଷ୍ଟ ପାର୍ଟି' ବା 'ବି.ଏନ.ପି.' ସକାଶେ ମଧ୍ୟ ଦୃଢ଼ ଭାବେ ଛିଡ଼ା ହୋଇ ରହିବା ଦୁଷ୍କର ହୋଇପାରେ । ଏଭଳି ସ୍ଥିତିରେ ଭବିଷ୍ୟତ୍‌ର ପୂର୍ବାନୁମାନ କରିବା କଷ୍ଟକର ହେବ, ଯଦିଓ ଏକ କ୍ଷୁଦ୍ର ଆଲୋଚନାରୁ ଏ ନେଇ କିଛି ସଂକେତ ମିଳିପାରେ । ଜାଳର ପରିହାସ ଭଳି, ବାଂଲାଦେଶର ଜନ୍ମ ଲାଭ (୧୯୭୧ ମସିହା) ପଛରେ ଥିବା ରକ୍ତ-ଗଂଜିତ ପଥରେ 'ଆଓ୍ୱାମୀ ଲିଗ' ର ଭାରତୀୟ ସାମରିକ ବାହିନୀର ଅସୀମ ତ୍ୟାଗ ଓ ଆତ୍ମବଳିର ପବତ୍ରିକୃମାନ ସଂପ୍ରତି ନିଷ୍କ୍ରିୟ ହେବାକୁ ବସିଲାଣି ଏବଂ ବାଂଲାଦେଶର ମୁକ୍ତିଯୁଦ୍ଧ ସମୟରେ ଶତ୍ରୁ ପକ୍ଷ ପାକିସ୍ତାନକୁ ସମର୍ଥନ କରିଥିବା 'ଜମାତ୍ ଇ ଇସଲାମୀ' ଏହି ନିର୍ବାଚନରେ ୬୮ଟି ଆସନ ଜିଣି ମୁଖ୍ୟ ବିରୋଧୀ ଦଳ ରୂପେ ଅବତୀର୍ଣ୍ଣ। ପ୍ରକାଶ ଥାଉ କି ବାଂଲାଦେଶର ମୁକ୍ତି ସଂଗ୍ରାମରେ ଜଣେ ଅନ୍ତୁଣୀ ସେନାପତି ଜିଆ ଉର ରହମନଙ୍କ ତତ୍ତ୍ୱରେ 'ଜମାତ ଇ ଇସଲାମୀ' ଯୁକ୍ତିଛଡ଼ା ଭାବେ 'ରଜାକର' ବା 'ଗୃହଶତ୍ରୁ'ମାନଙ୍କ ଗୋଷ୍ଠୀ ରୂପେ ବିବେଚିତ ହେଉଥିବ, ଅଥଚ, ଲଡିଚାରର ଜଡ଼ ଲେଉଟାରେ, ତାଙ୍କ ସନ୍ତାନ ତାରିକ ରହମନ, ଦୀର୍ଘ ୧୭ ବର୍ଷର ଆତ୍ମ ନିର୍ବାସନ ପରେ ସେହି ବାଂଲାଦେଶକୁ ପ୍ରତ୍ୟାବର୍ତ୍ତନ କରି ପ୍ରଧାନମନ୍ତ୍ରୀ ହେବାକୁ ଯାଇଛନ୍ତି, ଯାହାର ସଂପରେରେ 'ମୁକ୍ତିଯୋଦ୍ଧା' ଓ 'ରଜାକର'ମାନଙ୍କ ବାୟାବଗଣ ଏକତ୍ର ହୋଇ ରାଷ୍ଟ୍ର ପରିଚାଳନା କରିବେ । ଏଭଳି ଏକ ସ୍ଥିତିରେ ବିଭିନ୍ନ ସମୟରେ ମତାନୈକ୍ୟ ଓ ସଂଘାତର ଝଲିଙ୍ଗମାନ ସୃଷ୍ଟି ହେବା ସୁନିଶ୍ଚିତ । ଏହି ପରିପ୍ରେକ୍ଷୀରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ନୂତନ ସରକାର ଅମଳରେ ଭାରତ ସହିତ ବାଂଲାଦେଶର ସଂପର୍କ କିଭଳି ହେବ ? କାରଣ, ୧୯୭୧ ମସିହାରୁ ୨୦୨୪ ମସିହା ପର୍ଯ୍ୟନ୍ତ ପ୍ରାୟ ଅର୍ଦ୍ଧ ଶତାବ୍ଦୀର ସମୟ ଖଣ୍ଡ ମଧ୍ୟରେ ବାଂଲାଦେଶ ଦୃଷ୍ଟିରେ ଭାରତ ଏକ ପରମ ହିତୈଷୀ ମିତ୍ରରୁ ଚରମ ଶତ୍ରୁରେ ପରିଣତ ହୋଇ ସାରିଲାଣି । ଏ କଥା ମଧ୍ୟ ସର୍ବଜନବିଦିତ ଯେ ବାଂଲାଦେଶର ବିତାଡ଼ିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଆଶ୍ରୟ ପ୍ରଦାନ କରିଥିବା କାରଣରୁ ଭାରତ ବିରୋଧରେ ସେଠାକାର ଜନମତ ଅତ୍ୟନ୍ତ ତୀବ୍ର ; ଯାହାକୁ ଅଧିକ ଘନୀଭୂତ କରିଥିବା ମହମ୍ମଦ ୟୁନୁସଙ୍କ ଦ୍ୱାରା ପ୍ରୋତ୍ସାହିତ ପରିବେଶ । ସୁତରାଂ, ୨୦୨୪ ପର ଠାରୁ ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ଗ୍ଲାନିଶୂନ୍ୟ ଉଷ୍ମ ସଂପର୍କର ସୂତ୍ରପାତ ଘଟିଲାଣି । ଏଭଳି ଦୃଶ୍ୟପଟରେ ଭାରତ ପ୍ରତି ତାରିକ ରହମନ କିଭଳି ଆଭିମୁଖ୍ୟ ଗ୍ରହଣ କରିବେ ? ଅବଶ୍ୟ, କେହି କେହି କହିପାରନ୍ତି ଯେ ଏକ ରାଜନୈତିକ ଦଳ ରୂପେ ଆରମ୍ଭରୁ ଅର୍ଥାତ୍ (ତାରିକ ରହମନଙ୍କ ମା')ଙ୍କ ନେତୃତ୍ୱାଧୀନ ଥିବା ସମୟରୁ 'ବି.ଏନ.ପି.'ର ଆଭିମୁଖ୍ୟରେ ଭାରତ ବିରୋଧୀ ମନୋଭାବ ପ୍ରଦର୍ଶିତ ହେଉଥିଲା । ଅଭିଯୋଗ ହୋଇଥାଏ ଯେ 'ବି.ଏନ.ପି.'ର ଶାସନ କାଳରେ ପାକିସ୍ତାନର 'ଆଇ.ଏସ.ଆଇ.' ଦ୍ୱାରା ପ୍ରୋତ୍ସାହିତ ଉଗ୍ରବାଦୀ କାର୍ଯ୍ୟକଳାପ ବାଂଲାଦେଶର ଭୂମିରେ ପରିପୁଷ୍ଟ ହୋଇଥିଲା, ଯଦ୍ୱାରା ଉତ୍ତର-ପୂର୍ବୀୟ ଭାରତ ବାର୍ଘ କାଳ ଧରି ଅଶାନ୍ତ ହୋଇ ରହିଥିଲା । ତେଣୁ, କେବେକେ ବିଶେଷଜ୍ଞ କହନ୍ତି ଯେ ଆଶ୍ଚିର ଜାଳନୈତିକ ଭୂମି ଲାଭ କରିଥିବା 'ଜମାତ' ତା'ର ଅଙ୍ଗଭୂତ ହିଂସ୍ର ଉଗ୍ରବାଦୀ ପରାଚିନ୍ତାମାନଙ୍କ ମାଧ୍ୟମରେ 'ବି.ଏନ.ପି.' ଉପରେ ଚାପ ସୃଷ୍ଟି କରିବ ଯେ ତାହା କ୍ରମେ ପାକିସ୍ତାନ ଆଡ଼କୁ ଅଧିକ ଝୁଲୁ ! ସୁତରାଂ, ଖୁବ୍ ସମ୍ଭବ ଯେ ଏହି ନୂତନ ସରକାରର ଅମଳରେ ଭାରତ ସହିତ ବାଂଲାଦେଶର ସୁସଂପର୍କ ସ୍ଥାପିତ ହେବାର ଆଶା ଅତ୍ୟନ୍ତ କ୍ଷୀଣ । ତେବେ, ଆଉ କେତେବେ ପର୍ଯ୍ୟବେକ୍ଷକ କହନ୍ତି ଯେ 'ଜମାତ' ଭଳି 'ବି.ଏନ.ପି.' କବାଡିଡ଼ି ନିଃଶବ୍ଦୋତ ଭାବେ ପାକିସ୍ତାନ ପ୍ରତି ସମର୍ଥନ ପ୍ରଦର୍ଶନ କରିନାହିଁ । ସେମାନେ ଏହା ମଧ୍ୟ କହନ୍ତି ଯେ ଖଲିଦା ଜିଆଙ୍କ ଜାଳର ଦୁର୍ବଳ ବାଂଲାଦେଶୀ ପରିବର୍ତ୍ତେ ସଂପ୍ରତି ଏକ ପରିବର୍ତ୍ତିତ ବାଂଲାଦେଶୀ ବିଦ୍ୟମାନ, ଯାହା ବିକାଶର ସମସ୍ତ ସୂତ୍ରଧାରଙ୍କ ଏବଂ ଆର୍ଥିକ ସ୍ଥିତି ଦୃଷ୍ଟିରୁ ପାକିସ୍ତାନ ଠାରୁ ଅଧିକ ଉନ୍ନତ(ମୁଣ୍ଡ ପିଛା ଆୟରେ ପାକିସ୍ତାନ ଠାରୁ ୩୩% ଅଧିକ) । ତେଣୁ ପାକିସ୍ତାନକୁ ପ୍ରଶ୍ରୟ ଦେବା ବାଂଲାଦେଶ ସକାଶେ ବାଧବାଧକତା ହେବ ନାହିଁ । ଏଣେ ନିର୍ବାଚନ ପୂର୍ବରୁ ଅନୁଷ୍ଠିତ ଏକ ସର୍ବେକ୍ଷଣରୁ ଦେଖିବାକୁ ମିଳିଛି ଯେ ୭୦% ବାଂଲାଦେଶୀ ଭାରତ ସହିତ ଉତମ ସଂପର୍କ ଚାହାନ୍ତି । ପ୍ରକାଶ ଥାଉ କି ନିର୍ବାଚନର ଫଳାଫଳ ପ୍ରକାଶିତ ହେବା ଖଣି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାରିକ ରହମନଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହିତ ଉଭୟ ରାଷ୍ଟ୍ର ମଧ୍ୟରେ ସୁସଂପର୍କର କାମନା କରିଛନ୍ତି । ତାରିକ ରହମନଙ୍କ ଉତର ମଧ୍ୟ ସକାରାତ୍ମକ ହୋଇଛି । କିନ୍ତୁ ସମସ୍ୟା ରହିଛି, ଭାରତରୁ ଶେଖ ହସିନାଙ୍କ ପ୍ରତ୍ୟର୍ପଣ ନେଇ ବାଂଲାଦେଶର ଦାବିରେ, ଯାହାକୁ ନୂତନ ସରକାର ପ୍ରାରମ୍ଭରୁ ତା' କାର୍ଯ୍ୟକ୍ରମରେ ଅଗ୍ରାଧିକାର ଦେଇଥିବାର ସୂଚନା ମିଳୁଛି । ଏହା ଦ୍ୱାରା ଉଭୟ ରାଷ୍ଟ୍ର ମଧ୍ୟରୁ ସ୍ୱଶ୍ରୟିତ ବନ୍ଧୁତ୍ୱ ମଧ୍ୟରୁ ପ୍ରଭାବ ହରାଇ ପାରନ୍ତି । ହସିନାଙ୍କ ପ୍ରତ୍ୟର୍ପଣରୁ ଘେନି ସୃଷ୍ଟ ଦ୍ୱନ୍ଦ୍ୱ ଓ ତଣାଓତରାଜୁ ନେଇ 'ଜମାତ' ପକ୍ଷରୁ ଏଭଳି ଏକ ପରିବେଶ ମଧ୍ୟ ସୃଷ୍ଟି କରାଯାଇପାରେ, ଯେଉଁଠି ବାଂଲାଦେଶ ଭାରତ ଠାରୁ ଦୂରେଇ ଯାଇ ପାକିସ୍ତାନର ଅଧିକ ସନ୍ନିକଟ ହୋଇପାରେ । ତାରିକ ରହମନ ବିପୁଳ ଜନମତ ଲାଭ କରି କ୍ଷମତାସୀନ ହୋଇଥିଲେ ହେଁ ବାଂଲାଦେଶର ରାଜନୈତିକ ମତଂରେ ଦୃଶ୍ୟମାନ ହୋଇ ଆସିଥିବା ଉଲଙ୍ଗ କ୍ଷମତା ଲିପ୍‌ସା, ସାମରିକ ବିଦ୍ରୋହ ଓ ଅଳ୍ପଜନୀୟ ଲଭ୍ୟାଂଶ, ସଂସ୍ଥା ନ୍ୟାୟ ପାଇବା ଲାଗି ଭିନ୍ନତର ଉପରେ ଜନସାଧାରଣଙ୍କ ଆସ୍ଥା ; ହୁଏତ ତାହା ଅଧିକାଂଶ ସମୟରେ ଉଲ୍ଲଙ୍ଘିତ, ଅସୁରକ୍ଷିତ ଏବଂ ପରିସ୍ଥିତିର ଦାସ କରି ରଖିପାରେ । ତେଣୁ, ବାଂଲାଦେଶକୁ ଏକ ଟ୍ରିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବାର ପ୍ରତିଶ୍ରୁତି ଦେଇଥିବା ତାରିକ ରହମନ ଅବଲାଳା କ୍ରମେ ପ୍ରତିଶୋଧ ରାଜନୀତି ଓ ଉଗ୍ର ମୌଳବାଦର ଆବର୍ତରେ ଆପଣା ସତ୍ତା ହରାଇ ପାରନ୍ତି । ତେଣୁ, ଜମାତର ହାତ ଧରି ପ୍ରଥମେ ପାକିସ୍ତାନ ଏବଂ ତା' ପରେ ପାକିସ୍ତାନର ହାତ ଧରି ଚୀନର ପ୍ରବେଶ ବାଂଲାଦେଶକୁ ଭାରତ ସମକ୍ଷରେ ଏକ ବୃହତ୍ ଆହ୍ୱାନ ଭାବେ ଛିଡ଼ା କରାଇପାରେ । ଗଲା ୧୩ ତାରିଖରେ ବାଂଲାଦେଶରେ ଏକ ନିର୍ବାଚିତ ସରକାର କ୍ଷମତାସୀନ ହେବା ଏକ ସକାରାତ୍ମକ ଘଟଣା ଏବଂ ବିଶେଷ କରି ଭାରତ ସକାଶେ ଜିଜିଟା ଆଶ୍ୱାସନାମୂଳକ; କାରଣ, ୨୦୨୪ ମସିହା, ଅଗଷ୍ଟ ମାସର ସଡ଼କ ବିଦ୍ରୋହ ପର ଠାରୁ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଶାସନ ସମ୍ଭାଳୁ ଥିବା କାମଚଳା ସରକାର ଗଲା ଦେଢ଼ ବର୍ଷ ଧରି ଭାରତ ସଂପର୍କିତ ତା'ର ନୀତି ଓ ଆଭିମୁଖ୍ୟରେ ସମୁଦ୍ରରେ ଭାସି ବୁଲୁଥିବା ଏକ ଲଙ୍ଗରହୀନ ଜାହାଜ ସୁଲଭ ଲକ୍ଷ୍ୟହୀନତା ପ୍ରଦର୍ଶନ କରୁଥିଲା, ଯେଉଁ ସ୍ଥିତିରେ ଏବେ ପରିବର୍ତ୍ତନ ଘଟି ସ୍ଥିରତା ଆସିବାର ସମ୍ଭାବନା ଉଜ୍ଜ୍ୱଳ । ତେବେ, ଏହା ମଧ୍ୟ ଏକ ବାସ୍ତବତା ଯେ ବାଂଲାଦେଶର ରାଜନୀତି ସଂପ୍ରତି ଏଭଳି ଏକ ଚୋରାବାଲିରେ ପରିଣତ ହୋଇଛି ଯେ ସେଥିରେ ୨୦୯ଟି ଆସନ ସହିତ ଦୁଇ-ତୃତୀୟାଂଶରୁ ଅଧିକ ଆସନ ଜିଣି କ୍ଷମତା ଦଖଲ କରିଥିବା 'ବାଂଲାଦେଶ ନେସନାଲିଷ୍ଟ ପାର୍ଟି' ବା 'ବି.ଏନ.ପି.' ସକାଶେ ମଧ୍ୟ ଦୃଢ଼ ଭାବେ ଛିଡ଼ା ହୋଇ ରହିବା ଦୁଷ୍କର ହୋଇପାରେ । ଏଭଳି ସ୍ଥିତିରେ ଭବିଷ୍ୟତ୍‌ର ପୂର୍ବାନୁମାନ କରିବା କଷ୍ଟକର ହେବ, ଯଦିଓ ଏକ କ୍ଷୁଦ୍ର ଆଲୋଚନାରୁ ଏ ନେଇ କିଛି ସଂକେତ ମିଳିପାରେ । ଜାଳର ପରିହାସ ଭଳି, ବାଂଲାଦେଶର ଜନ୍ମ ଲାଭ (୧୯୭୧ ମସିହା) ପଛରେ ଥିବା ରକ୍ତ-ଗଂଜିତ ପଥରେ 'ଆଓ୍ୱାମୀ ଲିଗ' ର ଭାରତୀୟ ସାମରିକ ବାହିନୀର ଅସୀମ ତ୍ୟାଗ ଓ ଆତ୍ମବଳିର ପବତ୍ରିକୃମାନ ସଂପ୍ରତି ନିଷ୍କ୍ରିୟ ହେବାକୁ ବସିଲାଣି ଏବଂ ବାଂଲାଦେଶର ମୁକ୍ତିଯୁଦ୍ଧ ସମୟରେ ଶତ୍ରୁ ପକ୍ଷ ପାକିସ୍ତାନକୁ ସମର୍ଥନ କରିଥିବା 'ଜମାତ୍ ଇ ଇସଲାମୀ' ଏହି ନିର୍ବାଚନରେ ୬୮ଟି ଆସନ ଜିଣି ମୁଖ୍ୟ ବିରୋଧୀ ଦଳ ରୂପେ ଅବତୀର୍ଣ୍ଣ। ପ୍ରକାଶ ଥାଉ କି ବାଂଲାଦେଶର ମୁକ୍ତି ସଂଗ୍ରାମରେ ଜଣେ ଅନ୍ତୁଣୀ ସେନାପତି ଜିଆ ଉର ରହମନଙ୍କ ତତ୍ତ୍ୱରେ 'ଜମାତ ଇ ଇସଲାମୀ' ଯୁକ୍ତିଛଡ଼ା ଭାବେ 'ରଜାକର' ବା 'ଗୃହଶତ୍ରୁ'ମାନଙ୍କ ଗୋଷ୍ଠୀ ରୂପେ ବିବେଚିତ ହେଉଥିବ, ଅଥଚ, ଲଡିଚାରର ଜଡ଼ ଲେଉଟାରେ, ତାଙ୍କ ସନ୍ତାନ ତାରିକ ରହମନ, ଦୀର୍ଘ ୧୭ ବର୍ଷର ଆତ୍ମ ନିର୍ବାସନ ପରେ ସେହି ବାଂଲାଦେଶକୁ ପ୍ରତ୍ୟାବର୍ତ୍ତନ କରି ପ୍ରଧାନମନ୍ତ୍ରୀ ହେବାକୁ ଯାଇଛନ୍ତି, ଯାହାର ସଂପରେରେ 'ମୁକ୍ତିଯୋଦ୍ଧା' ଓ 'ରଜାକର'ମାନଙ୍କ ବାୟାବଗଣ ଏକତ୍ର ହୋଇ ରାଷ୍ଟ୍ର ପରିଚାଳନା କରିବେ । ଏଭଳି ଏକ ସ୍ଥିତିରେ ବିଭିନ୍ନ ସମୟରେ ମତାନୈକ୍ୟ ଓ ସଂଘାତର ଝଲିଙ୍ଗମାନ ସୃଷ୍ଟି ହେବା ସୁନିଶ୍ଚିତ । ଏହି ପରିପ୍ରେକ୍ଷୀରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ନୂତନ ସରକାର ଅମଳରେ ଭାରତ ସହିତ ବାଂଲାଦେଶର ସଂପର୍କ କିଭଳି ହେବ ? କାରଣ, ୧୯୭୧ ମସିହାରୁ ୨୦୨୪ ମସିହା ପର୍ଯ୍ୟନ୍ତ ପ୍ରାୟ ଅର୍ଦ୍ଧ ଶତାବ୍ଦୀର ସମ

ପ୍ରାନ୍ତର ପ୍ରତିନିଧିତ୍ୱ: ସ୍ୱର, ଦୃଶ୍ୟମାନତା ଏବଂ ସାମାଜିକ ପରିବର୍ତ୍ତନ ବିଷୟକ ଜାତୀୟ ସେମିନାର ସରକାରୀ ମହିଳା ମହାବିଦ୍ୟାଳୟ ବଲାଙ୍ଗୀରରେ ଉଦ୍‌ଘାଟିତ

ବଲାଙ୍ଗୀର,୧୭/୨(ନି/ପ୍ର): ବଲାଙ୍ଗୀର ସରକାରୀ ମହିଳା ମହା ବିଦ୍ୟାଳୟ ବଲାଙ୍ଗୀରରେ ବିଷୟକ ଦୁଇଦିନିଆ ଜାତୀୟ ସେମିନାରର ପ୍ରଥମ ଦିନ ସଫଳତାର ସହ ଆୟୋଜିତ ହେଲା । ଏହି ସେମିନାରରେ ଅର୍ଥନୀତି, ଶିକ୍ଷା, ଙ୍ଗରାଜୀ ଓରାଜନୀତି ବିଜ୍ଞାନ ବିଭାଗଙ୍କ ଯୁକ୍ତ ଆୟୋଜନରେ ହୋଇଥିଲା । ଅତିଥିମାନଙ୍କ ଦୀପ ପ୍ରଜ୍ୱଳନ ମାଧ୍ୟମରେ ଅଧିବେଶନ ଆରମ୍ଭ ହୋଇଥିଲା । ପରେ ସ୍ୱାଗତ ସଙ୍ଗୀତ ଓ ଅତିଥିମାନଙ୍କୁ ସମ୍ମାନ ଜ୍ଞାପନ କରାଯାଇଥିଲା । କଲେଜର ଅଧ୍ୟକ୍ଷ ଡ଼ଃ ଏ. କେ. ଓଝା ସ୍ୱାଗତ ଭାଷଣରେ ସମକାଳୀନ ସାମାଜିକ ସମସ୍ୟାମାନଙ୍କ ସମାଧାନ ପାଇଁ ସମାବେଶୀ ପ୍ରତିନିଧିତ୍ୱ ଓଶିକ୍ଷାନୁଷ୍ଠାନମୂଳକ ଆଲୋଚନାର ଗୁରୁତ୍ୱ ଉଲ୍ଲେଖ କରିଥିଲେ । ସେମିନାରର ଉଦ୍ଦେଶ୍ୟ ସମ୍ପର୍କରେ କନଭେନର ଶ୍ରୀମତୀ ସୁତେତା ଦୋରା ବିସ୍ତୃତ ଅଲୋଚନା କରିଥିଲେ ଏବଂ ପ୍ରାନ୍ତୀୟତା,ବୃଶ୍ୟମାନତା ଓ ସାମାଜିକ ନ୍ୟାୟ ବିଷୟକ ପ୍ରଶ୍ନମାନଙ୍କୁ ବହୁମାତ୍ରିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରିବାର ଆବଶ୍ୟକତା ଉଦ୍ଧାର କରିଥିଲେ । ଡ଼ଃ ଅନୁରାଧା ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥିଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ର ପୂର୍ବତନ ପ୍ରଫେସର କାଳିଦାସ ମିଶ୍ର ମୁଖ୍ୟ ଉପସ୍ଥାପକ ଭାବେ ନିଜ ଭାଷଣରେ ପ୍ରାନ୍ତୀୟକରଣର ଐତିହାସିକ ପରିଣାମ ଓ ଏହାର ସାମାଜିକ ପରିପ୍ରେକ୍ଷ୍ୟ ଉପରେ ଆଲୋକପାତ କରିଥିଲେ ଏବଂ ସମାନ ଅଧିକାର ସୁନିଶ୍ଚିତ କରିବାରେ ଉଚ୍ଚ ଶିକ୍ଷା ଓ ଗବେଷଣାର ପରିବର୍ତ୍ତନଶୀଳ ଭୂମିକା ଉଲ୍ଲେଖ କରିଥିଲେ । ଏହି ଅବସରରେ ସେମିନାର ସୁରଶିକା ଉନ୍ମୋଚନ କରାଯାଇଥିଲା । ଶେଷରେ ଶ୍ରୀ ଶରଧର ମାଝୀ ଧନ୍ୟବାଦ ଜ୍ଞାପନ କରି ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ପରେ ସେମିନାରରେ ସମାନାନ୍ତର ପ୍ୟାନେଲ ଆଲୋଚନା ଆୟୋଜିତ ହୋଇଥିଲା । ଙ୍ଗରାଜୀ ବିଭାଗର ସମାନାନ୍ତର ପ୍ୟାନେଲ ଆଲୋଚନା ଅତିଟୋରିୟମ୍‌ରେ ଅନୁଷ୍ଠିତ ହୋଇଥିଲା । ଡ଼ଃ ଚିନ୍ମୟୀ ନନ୍ଦ, ଡ଼ଃ ପିତାମ୍ବର ଦେହେରା (ସରକାରୀ ମହିଳା ମହାବିଦ୍ୟାଳୟ,ସମ୍ବଲପୁର), ଡ଼ଃ ତ୍ୟାଗରାଜ ଠାକୁର(ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି,ସମ୍ବଲପୁର), ଡ଼ଃ ମୃଣ୍ମୟ ପ୍ରମାଣିକ (ଟଭସଙ୍ଗରକ୍ଷଣ୍ମସ୍ପଷ୍ଟ କ୍ଲବ ଉବଶ୍ଚମଙ୍କଣ୍ମସ୍ପଷ୍ଟ) ଓ ପ୍ରଫେସର କାଳିଦାସ ମିଶ୍ର ଏହାର ଅଧ୍ୟକ୍ଷତା କରିଥିଲେ । ଡ଼ଃ ଅନୁରାଧା ମିଶ୍ର ରାପୋର୍ଟିଅର ଭାବେ କାର୍ଯ୍ୟନିର୍ବାହ କରିଥିଲେ । ଭାରତୀୟ ସିନେମାରେ ଇକୋ-ନାରୀବାଦ, ଭାରତୀୟ ସାହିତ୍ୟର ଉପନିବେଶମୁକ୍ତ ଦୃଷ୍ଟିକୋଣ ଓ ପ୍ରାନ୍ତୀୟ ସାହିତ୍ୟରେ ପ୍ରତିରୋଧର ସ୍ୱର ଭଳି ବିଷୟରେ ପ୍ରବନ୍ଧ ଉପସ୍ଥାପିତ ହୋଇଥିଲା । ସାମାଜିକ ବିଜ୍ଞାନ ବିଭାଗର ସମାନାନ୍ତର ପ୍ୟାନେଲ ଆଲୋଚନା ହାଇବ୍ରିଡ୍ ମୋଡ୍‌ରେ ଆୟୋଜିତ ହୋଇଥିଲା । ଅବକାଶପ୍ରାପ୍ତ ପ୍ରଧାନାଚାର୍ଯ୍ୟ ଶ୍ରୀ ସୁନୀଲ କୁମାର ପଣ୍ଡା ଏହାର ଅଧ୍ୟକ୍ଷତା କରିଥିଲେ । ଡ଼ଃ ଭୁବନେଶ୍ୱର ଛତ୍ରିଆ (ଅର୍ଥନୀତି,ଏବଂ ବଳାଙ୍ଗୀର), ଡ଼ଃ ମନୋଜ କୁମାର ନାଗ (ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ), ଡ଼ଃ ସୁରେଶ ପ୍ରସାଦ ସାରଙ୍ଗୀ,ଶ୍ରୀ ସଞ୍ଜୟ ମେହେର,ଡ଼ଃ ସୁସନ୍ତ କୁମାର ସେଠୀ ଓ ଡ଼ଃ ମାନସୀ ମହାନି ଏହାରେ ଅଂଶଗ୍ରହଣ କରିଥିଲେ । ଅଗ୍ରେସରଙ୍କ ପ୍ରତିନିଧିତ୍ୱ ଦୃଷ୍ଟିକୋଣ, ଓଡିଶାରେ ଆଦିବାସୀ ରାଜନୈତିକ ସଶକ୍ତିକରଣ,ଆର୍ଥିକ ସମାବେଶ ଓ ମାନବ ବିକାଶ,ଏବଂ ଖଣି ଅଂଚଳରେ ପ୍ରାନ୍ତୀୟ ସମୁଦାୟମାନଙ୍କ ସ୍ଥିତି ଉପରେ ଆଲୋଚନା ହୋଇଥିଲା । ପରବର୍ତ୍ତୀ ଟେକ୍ନିକାଲ୍ ସେସନ୍‌ଗୁଡ଼ିକ ଶାରୀରିକ,ହାଇବ୍ରିଡ୍ ଓ ଭର୍ଚୁଆଲ୍ ମୋଡ୍‌ରେ ଆୟୋଜିତ ହୋଇଥିଲା । ରାଜନୈତିକ ଅଂଶଗ୍ରହଣ ଓ ଶାସନ, ଆର୍ଥିକ ପ୍ରାନ୍ତୀୟତା ଓ ବିକାଶ, ଶିକ୍ଷା ଓ ଲିଙ୍ଗ ସମାବେଶ,ପରିବେଶ ଓ ପ୍ରତିରୋଧ, ନାରୀବାଦ ଓ ମହିଳା ସ୍ୱର ଭଳି ବିଭିନ୍ନ ବିଷୟରେ ପ୍ରବନ୍ଧ ଉପସ୍ଥାପିତ ହୋଇଥିଲା ।ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ, ଶ୍ରୀଷ୍ଟ ମାନାଡ ବିଶ୍ୱବିଦ୍ୟାଳୟ, ଲକ୍ଷ୍ମୌଣ୍ଡ ଅନ୍ୟାନ୍ୟ ସଂସ୍ଥାରୁ ଆସିଥିବା ଗବେଷକମାନେ ତାଙ୍କର ଗବେଷଣାପତ୍ର ପ୍ରସ୍ତୁତ କରିଥିଲେ । ଗ୍ରାମୀଣ ଓଡିଶାରେ ଛୋଟି ବ୍ୟବହାର, ଫଟାୟତୀ ରାଜରେ ମହିଳାଙ୍କ ସଶକ୍ତିକରଣ, କୃଷି ସଙ୍କଟ, ଡିଜିଟାଲ୍ ଆର୍ଥିକ ସମାବେଶର ଅସମତା, ବରିଦ୍ରତା ଓ ଅସମାନତା, ଶିକ୍ଷାରେ ଜାତିଭିତିକ ବିଷମତା,

ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ପରଲୋକ

ସମ୍ବଲପୁର,୧୭/୨(ନି/ପ୍ର)ପଦ୍ମିମ ଓଡ଼ିଶାର ଜଣାଶୁଣା ଡାକ୍ତର, ସମାଜସେବୀ ଓ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ସୋମବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି । ରାସେଶ୍ୱରୀ ପାଣିଗ୍ରାହୀଙ୍କ ରାତି ୮ଟା ୫୦ମିନିଟରେ ସମ୍ବଲପୁର ଶାନ୍ତିନଗରସ୍ଥିତ ନିଜ ଘରେ ୭୯ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେବା ଓ ରାଜନୀତିର ପରିଚୟ: ଡା. ରାସେଶ୍ୱରୀ ପାଣିଗ୍ରାହୀ ପଶ୍ଚିମ ଓଡ଼ିଶାର ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ । ଜଣେ ଦକ୍ଷ ସ୍ତ୍ରୀ ରୋଗ ବିଶେଷଜ୍ଞ ଭାବେ ବୁର୍ଲା ଭିମସାର ଏବଂ ସମ୍ବଲପୁରରେ ସେ ବହୁଶି ଦଶନ୍ଧି ଧରି ଲୋକଙ୍କ ସେବା କରିଆସିଥିଲେ । ୨୦୧୪ ମସିହାରେ ସେ ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ । ନିଜଦରେ ସେ ବିଜୁ ଜନତା ଦଳରୁ ଇସ୍ତଫା ଦେଇ ରାଜନୀତିରୁ କିଛିଟା ଦୂରରେ ରହି ସାମାଜିକ କାର୍ଯ୍ୟରେ ନିୟୋଜିତ ଥିଲେ ।

କବାଡି ଦୋକାନରେ ଅଗ୍ନିକାଣ୍ଡ

ଜୟପୁର,୧୭/୨(ନି/ପ୍ର):ଜୟପୁର ସହରର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଥିବା ଏକ କବାଡି ଦୋକାନରେ ଆଜି ଭୋରରୁ ନିଆଁ ଲାଗିଯାଇଛି । ଯାହା ଫଳରେ ପ୍ରାୟ ୩ଲକ୍ଷ ଟଙ୍କାର ସାମଗ୍ରୀ ଜଳି ପୋଡି ନଷ୍ଟ ହୋଇଯାଇଥିବା ନେଇ ଦୋକାନ ମାଲିକ କହିଛନ୍ତି । ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଂଚି ନିଆଁକୁ ଆୟତ କରିଛନ୍ତି । ପ୍ରାଥମିକ ତଦନ୍ତରୁ ଏହା କେହି ଜଣେ ନିକଟସ୍ଥ ପଡିଆରେ ନିଆଁ ଲଗାଇ ଦେଇଥିବା ଯୋଗୁଁ ନିଆଁ ଡି କବାଡି ଦୋକାନରେ ଧରିଥିବା ଜଣାପଡିଥିବା ବେଳେ ତଦନ୍ତ ପରେ ଅଧିକ ତଥ୍ୟ ମିଳିପାରେ ବୋଲି ଅଗ୍ନିଶମ ଅଧିକାରୀ ପ୍ରକାଶ କରିଛନ୍ତି । ପ୍ରତିଦିନ ଭଳି ଗତକାଲି ରାତି ମଧ୍ୟ ଦୋକାନ ମାଲିକ ଶେଖ୍ ବିଲାଲ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ ।

ଚାଷୀ ସମସ୍ୟା ଓ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନେଇ ଭଦ୍ରକ ଜିଲା ବିଜେଡି ଗର୍ଜିଲା

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ବିକ୍ଷୋଭ ଓ ପ୍ରତିବାଦ ସଭା

ଭଦ୍ରକ,୧୭/୨(ନି/ପ୍ର):ଜିଲାରେ ଚାଷୀଙ୍କ ଧାନ ବିକ୍ରି ସମସ୍ୟା ଓ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନେଇ ଆଜି ବିଜେଡି ପକ୍ଷରୁ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲା ବିଜେଡି ସଭାପତି ବିଧାୟକ ଡ. ବ୍ୟୋମକେଶ ଜେନାଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟାରେ ନେତା ଓ କର୍ମୀମାନେ ବିଭିନ୍ନ ପ୍ରାନ୍ତରୁ ଆସି ଏହି ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହୋଇଥିଲେ । ବିଜେଡିର ଏକ ବିରାଟ ଯଥୁଆର ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବିଜେଡିର ତୁଙ୍ଗନେତାମାନେ ଚାଷୀ ସମସ୍ୟା ଓ ବିପର୍ଯ୍ୟସ୍ତ ଆଇନ୍ ଓ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ବସି ଗାଁ ମାନଙ୍କରେ ଅନ୍ୟାୟରାଜ ଚଳାଇଛନ୍ତି । ପ୍ରତିଦିନ ଲୁଟତରାଜ, ହତ୍ୟାକାଣ୍ଡ, ନାରୀ ନିର୍ଯ୍ୟାତନା ଓ ଗଣଧର୍ଷଣ ବଢି ଚାଲିଛି । ଜିଲାରେ ମଦ ଓ ନିଶାଦ୍ରବ୍ୟ କାରବାର ବ୍ୟାପକ ଭାବେ ବୃଦ୍ଧି ପାଇଛି । ପ୍ରତିବାଦ ସଭାରେ ସଭାପତିତ୍ୱ କରି ଡ. ରାୟ କହିଥିଲେ ଯେ, ମିଥ୍ୟା ପ୍ରତିଶ୍ରୁତି ଦେଇ ବିଜେପି ସରକାରକୁ ଆସିଛି । ଚାଷୀର ସ୍ୱାର୍ଥ ପାଇଁ ବିଜେଡି ସବୁବେଳେ ଠିଆ ହୋଇଛି । ଆଗାମୀ ଦିନରେ ମଧ୍ୟ ଠିଆ ହେବ । କେବଳ ଚାଷୀ ନୁହେଁ, ମହିଳା, ଶିକ୍ଷକ, ଶିଶୁମାନେ ଟି ଆଜି ଦୂର୍ଦ୍ଦଶା ଭୋଗୁଛନ୍ତି । ତେଣୁ ବିଜେପି ସରକାରକୁ ଆଗାମୀ ଫଟାୟତ ଓ ପୌର ନିର୍ବାଚନରେ ଲୋକେ ବାଏ ବାଏ କରିବେ । ଏ ସରକାର ଏକ ଅପାରଗ ସରକାର ବୋଲି ଲୋକେ ଜାଣି ସାରିଲେଣି । ଏ ସରକାରକୁ ଆଗାମୀ ଦିନରେ ଲୋକେ ପ୍ରତ୍ୟାଖ୍ୟାନ କରିବେ ବୋଲି ବିଧାୟକ ଡ.ରାୟ ପ୍ରକାଶ କରୁଥିଲେ । ଏହି ପ୍ରତିବାଦ ସଭାରେ ପ୍ରାକ୍ତନ ମନ୍ତ୍ରୀ ନେତା ପ୍ରଫୁଲ୍ଲ ସାମଲ ଯୋଗଦେଇ କହିଲେ ବିଜେଡି ସବୁବେଳେ ଚାଷୀ ଓ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ କାମ କରି ଆସୁଛି । ଚାଷୀଙ୍କୁ ତାଙ୍କ ଧାନର ଉପଯୁକ୍ତ ପ୍ରାପ୍ୟ ଦିଆଯାଉ । ପ୍ରତିବାଦ ସଭାରେ ଉଦ୍ଧାରିପୋଖରୀ ବିଧାୟକ ସଂଜୀବ କୁମାର ମଲ୍ଲିକ କହିଲେ ସରକାର, ମିଲର, ଯୋଗାଣ ବିଭାଗ, ଆରଏମସି ର ମିଳି ଭଉତରେ ଚାଷୀର ଧାନ ତଙ୍କାକୁ ମାରି ଖାଇଯିବାକୁ ଚାଲିଛି ଚକ୍ରାନ୍ତ । ବିଜେଡି ଏହି ଚକ୍ରାନ୍ତକୁ ସଫଳ କରିବାକୁ ଦେବ ନାହିଁ ।

ଗାର୍ଡେନ୍ ପ୍ରତିଯୋଗିତାରେ ବନ୍ଦିତା ପୁଝାରୀଙ୍କ ସଫଳତା

ସମ୍ବଲପୁର,୧୭/୨(ନି/ପ୍ର): କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର ଓ ଓଡିଶା ସରକାର ଙ୍କ କୃଷି ବିଭାଗ ଦ୍ୱାରା ସ୍ଥାନୀୟ ପାନ୍ଥନିବାସ ରେ ଆୟୋଜିତ ଗାର୍ଡ଼ିନ୍ ପ୍ରତିଯୋଗିତା ର ବାସଭବନ ଛାତ ଉପରେ ଛୋଟ ବଗିଚା ବିଭାଗ ରେ ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ର ଲେନ୍ ନିବାସୀ ସମାଜ ସେବିକା ଧର୍ମପରାୟଣା ଗୃହିଣୀ ତଥା ନେତାଜୀ ସୁଭାଷ ବୋଷ ମହାବିଦ୍ୟାଳୟ ର ପୂର୍ବତନ ଛାତ୍ରୀ ଶ୍ରୀମତୀ ବନ୍ଦିତା ପୁଝାରୀ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ସେ ତାଙ୍କ ଘର ଛାତ ଉପରେ ପବୁ ଜଳି ସମେତ ବିଭିନ୍ନ ଫୁଲ ଫଳ ପନିପରିବା ଗଛ ଲଗାଇ ତାଙ୍କ ଛୋଟ ଭୂତ୍ ଗାର୍ଡ଼ିନ୍‌କୁ ଆକର୍ଷଣୀୟ କରିପାରିଛନ୍ତି । ବନ୍ଦିତାଙ୍କ ଏହି ସଫଳତା ପାଇଁ ବିଭିନ୍ନ ଅନୁଷ୍ଠାନ ତରଫରୁ ଅଭିନନ୍ଦନ ର ସୁଅ ଛୁଟିଛି ।

ବାମ ମୁଖ୍ୟ କେନାଲରେ ପଡି ବାଇକ ଚାଳକର ମୃତ୍ୟୁ

ମୁଖୀଗୁଡା,୧୭/୨:କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲ ଭୂତିଗୁଡା ଗ୍ରାମର ଶାନ୍ତିନଗର ପଡା ନିକଟରେ ଏକ ବାଇକ ଚାଳକ ଭାରସାମ୍ୟ ହରାଇ କେନାଲରେ ପଡିଯାଇ ମୃତ୍ୟୁ ମୁଖରେ ପଡିଛନ୍ତି । ମୃତକ ବ ହେଉଛନ୍ତି ଜୟପାଟଣା ବ୍ଲକ ଅନ୍ତର୍ଗତ ଭେଲୁଆଉଟା ଗାଁର ପିତାମ୍ବର ଝରିଆ(୩୮) ।ସେ ଦୁଗ୍ଧାବରୀ ପାଇଁ ନିମନ୍ତ୍ରଣ ପତ୍ର ଦେବାକୁ ପାଇକ ବାହାଳକୁ ଯାଇ ନିଜ ଗାଁ କୁ ଫେରୁଥିଲେ । ଫେରିବା ବେଳେ ବାଇକ ଭାର ସାମ୍ୟ ହରାଇବାରୁ ସେ କେନାଲରେ ପଡି ଯାଇଥିଲେ । ବ୍ୟବହୃତ ବାଇକ କେନାଲ ନିକଟରେ ପଡିଥିଲା ।

ଜଙ୍ଗଲ ବିଭାଗର ପୂର୍ବତନ କର୍ମଚାରୀ ଅନିଲ ମିଶ୍ରଙ୍କ ପରଲୋକ

ସମ୍ବଲପୁର,୧୭/୨(ନି/ପ୍ର): ସହରର ହୀରାକୁଦ କଲୋନୀ ନିବାସୀ ତଥା ଜଙ୍ଗଲ ବିଭାଗର ପୂର୍ବତନ କର୍ମଚାରୀ ଅନିଲ ମିଶ୍ରଙ୍କ ଶିବରାତ୍ରି ଅବସରରେ ଦେବଦର୍ଶନ ପାଇଁ ଯାଇଥିବା ବେଳେ ଅଜାଳ ବିୟୋଗ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ବୟସ ହୋଇଥିଲା । ସୂଚନା ଅନୁସାରେ ପବିତ୍ର ମହାଶିବରାତ୍ରି ଉପଲକ୍ଷେ ଶ୍ରୀ ମିଶ୍ର ନିଜ ସମ୍ପର୍କୀୟମାନଙ୍କ ସହ ରେଡ଼ାଖୋଲ-ନାଳଚିତେଲଜ ରୋଡ୍ ସ୍ଥିତ ବିଷ୍ଣେଶ୍ୱର ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ । ଦିନ ପ୍ରାୟ ୧୧ଟା ସମୟରେ ମନ୍ଦିର ପରିସରରେ ହଠାତ୍ ତାଙ୍କର ହୃଦ୍‌କ୍ରିୟା ବନ୍ଦ ହୋଇଯାଇଥିଲା, ଯାହାଫଳରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତ୍ୟୁ ଶାସ୍ୟା ନିକଟରେ ତାଙ୍କ ଧର୍ମପତ୍ନୀ ବାସନ୍ତୀ ମିଶ୍ର ଓ ଏକମାତ୍ର କନ୍ୟା ତଥା ବିଶିଷ୍ଟ କଣ୍ଠଶିଳ୍ପୀ ଅଳକା ମିଶ୍ର ଉପସ୍ଥିତ ଅଛନ୍ତି । ସେ ହୀରାକୁଦ କଲୋନୀ ସ୍ଥିତ ବାସଭବନରେ ନିଜ ବଡ଼ ଭାଇ ରାଜେନ୍ଦ୍ର ମିଶ୍ରଙ୍କ ପରିବାର ସହ ରହୁଥିଲେ ।

ସୁବାସ ନାୟକଙ୍କୁ ଉତ୍କଳ ଲୋକ କଳା ସମ୍ମାନ

କୁଚିଣ୍ଡା,୧୭/୨(ନି/ପ୍ର):ସଂସ୍କୃତି ସୁରକ୍ଷା ମଚ୍,ଓଡ଼ିଶା ପକ୍ଷରୁ ସମାଜସେବୀ,ସଂସ୍କୃତି ସଂଗଠକ ସୁବାସ ଚନ୍ଦ୍ର ନାୟକ ଙ୍କୁ ଉତ୍କଳ ଲୋକ କଳା ସମ୍ମାନ ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ହୀରାକୁଦ ସୁଭାଷ ମଇଦାନ ଠାରେ ଆୟୋଜିତ ଏକ ଉତ୍ସବରେ ଏହି ସମ୍ମାନ କୁ ପୂର୍ବତନ କୁଚିଣ୍ଡା ଓ ଲାଇକେଲା ର ବିଧାୟକ ବୃନ୍ଦାବନ ମାଝି ମଂଚର କାର୍ଯ୍ୟକର୍ତ୍ତା ଙ୍କ ଗହଣରେ ଏହା ପ୍ରଦାନ କରିଥିଲେ ।ଏଥି ସହ ଅବସର ପ୍ରାପ୍ତ ପ୍ରଶାସକ ମୁରଲୀ ଧର ନାଏକ,ଦେବଗଡ଼ ର ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଭ୍ୟ ପ୍ରଫୁଲ୍ଲ ମହାପାତ୍ର ପ୍ରମୋଦ ନାଏକ ଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା ।ଉତ୍ସବରେ ପଦ୍ମଶ୍ରୀ ଜିତେନ୍ଦ୍ରିୟ ହରିପାଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ।

ସିଆଇଆଇ ସମ୍ବଲପୁର ଇନିସିଏଟିଭ୍'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

କୋଇଲା, ଉର୍ଜା, ଶିକ୍ଷା ଏବଂ ଟେକ୍ନୋଲଜିର ସମନ୍ୱୟରେ ନୂତନ ଭାରତର ବିକାଶ ଯାତ୍ରାରେ ଭାଗିଦାରୀ ହେବ ସମ୍ବଲପୁର :ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର/ହୀରାକୁଦ, ୧୭/୨(ନି/ପ୍ର): କୋଇଲା, ଉର୍ଜା, ଶିକ୍ଷାନୁଷ୍ଠାନ ଏବଂ ସମୃଦ୍ଧ ଟେକ୍ନୋଲଜି ପରମ୍ପରାର ସମନ୍ୱୟରେ ସମ୍ବଲପୁର ନୂତନ ଭାରତର ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ପୂର୍ବ ଭାରତର ପବବର୍ତ୍ତୀ 'ଗ୍ରୋଥ୍ ଇଞ୍ଜିନ' ଭାବେ ଉଭା ହେବ ବୋଲି ଆଜି ସମ୍ବଲପୁରରେ 'ସିଆଇଆଇ ସମ୍ବଲପୁର ଇନିସିଏଟିଭ୍'ର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶିଳ୍ପ ଜଗତ, ପ୍ରଶାସନ ଏବଂ ଜନପ୍ରତିନିଧିମାନଙ୍କ ସହ ଆୟୋଜିତ ଏକ ଆଲୋଚନା କାର୍ଯ୍ୟକ୍ରମରେ ଯୋଗଦେବା ସହ ସମ୍ବଲପୁରର ଶିଳ୍ପ ବିକାଶ, ସୁଦକ୍ଷଶକ୍ତି ସଶକ୍ତିକରଣ ଏବଂ ଆଗାମୀ ଦିନର ରୋଡମ୍ୟାପ୍ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋକପାତ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁର କେବଳ ପ୍ରାକୃତିକ ସମ୍ପଦର କେନ୍ଦ୍ର ନୁହେଁ, ବରଂ ଏହା ମାନବ ପ୍ରତିଭା, ନବସୃଜନ ଏବଂ ଉଦ୍ୟମିତାର ଏକ ସୁଦୃଢ଼ ଭୂମି । କୋଇଲା, ଶକ୍ତି, ଉନ୍ନତ ଶିକ୍ଷାନୁଷ୍ଠାନ, ସମୃଦ୍ଧ ଟେକ୍ନୋଲଜି ପରମ୍ପରା ଏବଂ ବିକଶିତ ହେଉଥିବା ଔଦ୍ୟୋଗିକ ଭିତିଭୂମି ସହ ଏହି ଅଞ୍ଚଳ ଆଗାମୀ ଦିନରେ ପୂର୍ବ ଭାରତର ଅନ୍ୟତମ ପ୍ରମୁଖ 'ଗ୍ରୋଥ୍ ଇଞ୍ଜିନ' ଭାବେ ଉଭା ହେବାକୁ ଯାଉଛି । ରାଜ୍ୟ ସରକାର କଟକ-ଭୁବନେଶ୍ୱର-ପାରାଦୀପ-ପୁରୀକୁ ପ୍ରଥମ 'ଇକୋନୋମିକ କୋନ୍' ଭାବେ ଗଠନ କରିବା ପାଇଁ ପଦକ୍ଷେପ ନେଇଥିବା ବେଳେ ରାଜ୍ୟର ଦ୍ୱିତୀୟ ଅର୍ଥନୈତିକ କୋନ୍ ଭାବେ ଗୁନ୍ଦରଗଡ଼-ଝାରସୁଗୁଡ଼ା-ସମ୍ବଲପୁର-ବରଗଡ଼ କରିଡରକୁ ବିକଶିତ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି, ଯାହା ଅଞ୍ଚଳରେ ବ୍ୟାପକ ପୁଞ୍ଜି ନିବେଶ ଓ ନିୟୁକ୍ତି ସୁଯୋଗ ସୃଷ୍ଟି କରିବ । ସମ୍ବଲପୁରର ନୂତନ ରୂପାନ୍ତରଣ ବିଷୟରେ ସୂଚନା ଦେବ ସେ କହିଛନ୍ତି ଯେ ସହରର ଗମନାଗମନ ସୁବିଧା ପାଇଁ ପାଖାପାଖି ୫୦ କିଲୋମିଟର ବିଶିଷ

ରାଉରକେଲା ପୋଲିସ୍ ଦ୍ୱାରା ୫୦୨ କିଲୋଗ୍ରାମରୁ ଅଧିକ ଗଞ୍ଜେଇ ଜବତ

୬ ଅଭିଯୁକ୍ତ ଗିରଫ ସହ ୫ କାର, ୮ ମୋବାଇଲ ଓ ୨୩୦୦ ଟଙ୍କା ନଗଦ ଜବତ

ରାଉରକେଲା,୧୭/୨(ନି/ପ୍): ଫେବୃଆରୀ ୧୬ ତାରିଖ ରାତିରେ ସ୍ଲାଟଂସାଇଡ୍ ଥାନାର ଏସ୍ଆଇ ଏସ୍ ପ୍ରଧାନ, ଥାନା କର୍ମଚାରୀଙ୍କ ସହିତ ସ୍ଲାଟଂସାଇଡ୍ ଥାନା ଅଧିନସ୍ଥ ଅଞ୍ଚଳରେ ରାତି ପାଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବନ୍ଧମୁଣ୍ଡା ରାସ୍ତାର ଟଟାପାଇଡ୍ ନିକଟସ୍ଥ ଶିବଶଙ୍କର ନଗର ଠାରେ ଏକ ଏନଡିପିଏସ ମାମଲା ଚିହ୍ନଟ କରିଥିଲେ ।ଅଭିଯୁକ୍ତ ଗୁଣନିଧି ଘୁସି, ସୁକାନ୍ତ ଓରାମ, ରାହୁଲ କୁମାର ସାହୁ, ନିଖିଲ ରାୟ, କୌଶିକ କୁମାର ପାଢୀ ଏବଂ ନିରଜ ସୋନକର ୫ଟି ଗାଡ଼ିରେ ବେଆଇନ ଭାବରେ ୫୦୨ କିଲୋ ୪୦୦ ଗ୍ରାମ ଗଞ୍ଜେଇ ତୋରା ଚାଲାଣ କରୁଥିଲେ । ସେହି ଗାଡିଗୁଡିକ ମଧ୍ୟରେ ଗୋଟିଏ ଧଳା ରଙ୍ଗର ମହିନ୍ଦ୍ରା ବୋଲେରୋ ନିଓ ଗାଡ଼ି ଯାହାର ପଞ୍ଜିକରଣ ନମ୍ବର (ଓଡ଼-୨୩ଜ-୬୪୭୯), ଗୋଟିଏ ମାରୁତି ସୁଜୁକି ଡିଜାୟାର କାର୍ ଯାହାର ପଞ୍ଜିକରଣ ନମ୍ବର (ଓଡ଼-୧୧ଲ-୬୪୯୧), ଗୋଟିଏ ମାରୁତି ସୁଜୁକି ଡିଜାୟାର କାର୍ ଯାହାର ପଞ୍ଜିକରଣ ନମ୍ବର (ଓଡ଼-୧୪-ଜଗ-୩୪୧୬), ଗୋଟିଏ ମାରୁତି ସିଜୁକି ଡିଜାୟାର କାର୍ ଯାହାର ପଞ୍ଜିକରଣ ନମ୍ବର (ଓଡ଼-୧୪-ଲଗ-୧୧୧୬) ଏବଂ ଗୋଟିଏ ସିଲଭର ରଙ୍ଗର ମାରୁତି ଡ୍ରିଜା କାର୍ ଯାହାର ପଞ୍ଜିକରଣ ନମ୍ବର (ଓଡ଼ ୧୪ଲଏ-୦୦୧୯)ରେ ଗଞ୍ଜେଇ ତୋରା ଚାଲାଣ କରୁଥିବା ଦେଖାଯାଇଥିଲା । ଅଭିଯୁକ୍ତମାନେ ସେମାନଙ୍କର ବ୍ୟକ୍ତିଗତ ଲାଭ ପାଇଁ ଏହି ସମସ୍ତ ଗଞ୍ଜେଇକୁ ବିକ୍ରୟ କରିବା ପାଇଁ ଚାଲାଣ କରୁଥିଲେ ବୋଲି ଆଜି ରାଉରକେଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ଖୁଣ୍ଟିଆ ।ଅଭିଯୁକ୍ତମାନେ କଦମାଳ-ବୌଦ୍ଧ ମାର୍ଗରୁ ତୋରା ଗଞ୍ଜେଇ ସଂଗ୍ରହ କରୁଥିଲେ ଏବଂ ବିକ୍ରୟ ଉଦ୍ଦେଶ୍ୟରେ ଝାଡ଼ଖଣ୍ଡ, ଛତିଶଗଡ଼ ପାର୍ଶ୍ୱରୁ ଚାଲାଣ କରୁଥିଲେ ବୋଲି ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । ଗଞ୍ଜେଇ ତୋରା ଚାଲାଣ କରୁଥିବା ୬ ଅଭିଯୁକ୍ତଙ୍କ ମଧ୍ୟରେ ରହିଛନ୍ତି ଝାରସୁଗୁଡ଼ା ଜିଲ୍ଲା ଲଇକେରା ଥାନା ଅନ୍ତର୍ଗତ ଅରଦା ଜାମଜାନିର ଗୁଣନିଧି ଘୁସି (୩୬ ବର୍ଷ), ସୁନ୍ଦରଗଡ଼ ଜିଲ୍ଲା ବିଣ୍ଡା ଥାନା ଅଧିନସ୍ଥ ବଡ ବିରାଙ୍ଗଝୋର ଗ୍ରାମର ସୁଖନାଥ ଓରାମ (୩୭ ବର୍ଷ), ରାଉରକେଲା ସ୍ଲାଟଂସାଇଡ୍ ଥାନା ଅନ୍ତର୍ଗତ ଶିବ ମନ୍ଦିର ନିକଟର ରାହୁଲ କୁମାର ସାହୁ (୨୫ ବର୍ଷ), ସ୍ଲାଟଂସାଇଡ୍ ଥାନା ଅଧିନସ୍ଥ ଡେଲି ମାର୍କେଟ ଜନତା ନିବାସ ଗଳିର ନିଖିଲ ରାୟ (୨୩ ବର୍ଷ), ଝାରସୁଗୁଡ଼ା ଜିଲ୍ଲା ଲଇକେରା ଥାନା ଝରିଆବାହାଲ ଗ୍ରାମର କୌଶିକ ପାଢୀ ଓରଫ୍ ରାଜା (୩୧ ବର୍ଷ) ହୋଇଥିଲା ବେଳେ ସେ ବର୍ତ୍ତମାନ ଝାରସୁଗୁଡ଼ା ଟାଉନ ଥାନା ଅଧିନସ୍ଥ ସବବାହାଲରେ ରହୁଥିବା ଜଣାପଡ଼ିଛି । ସେହିପରି ଷଷ୍ଠ ଅଭିଯୁକ୍ତ ହେଲେ ରାଉରକେଲା ସ୍ଲାଟଂସାଇଡ୍ ଥାନା ଅନ୍ତର୍ଗତ ଜିଲ୍ଲା ଗଳି ଶିବ ମନ୍ଦିର ନିକଟର ନୀରଜ ସୋନକାର ହୋଇଥିଲା ବେଳେ ବର୍ତ୍ତମାନ ସେ ରାଉରକେଲା ସ୍ଲାଟଂସାଇଡ୍ ଥାନା ଅଧିନସ୍ଥ ସେକ୍ଟର-୨ ନୟାବଜାର କଲ୍ୟାଣୀ ବସ୍ତିରେ ରହୁଥିବା ଜଣାପଡ଼ିଛି । ସମସ୍ତ ଅଭିଯୁକ୍ତଙ୍କ ନିକଟରୁ ୫୦୨ କେଜି ୪୦୦ଗ୍ରାମ ଗଞ୍ଜେଇ ଜବତ କରାଯାଇଛି । ସେହିପରି ୫ଟି କାର୍ ମଧ୍ୟରେ ରହିଛି ଗୋଟିଏ ମହିନ୍ଦ୍ରା ଧଳା ରଙ୍ଗର ନିଓ, ୩ଟି ମାରୁତି ସୁଜୁକି ଡିଜାୟାର ଏବଂ ଗୋଟିଏ ସିଲଭର କଲର ମାରୁତି ଡ୍ରେଜା । ଏଥିସହିତ ୮ ଟି ବିଭିନ୍ନ କମ୍ପାନୀର ମୋବାଇଲ ଫୋନ ଓ ନଗଦ ୨୩୦୦ ଟଙ୍କା ମଧ୍ୟ ଜବତ କରାଯାଇଛି । ଅଭିଯୁକ୍ତ ନୀରଜ ସୋନକାର ବିରୁଦ୍ଧରେ ପୂର୍ବରୁ ସ୍ଲାଟଂସାଇଡ୍ ଥାନାରେ ଦୁଇଟି ମାମଲା ରହିଥିଲା ବେଳେ ଅଭିଯୁକ୍ତ ନିଖିଲ ରାୟ ବିରୁଦ୍ଧରେ ବନ୍ଧମୁଣ୍ଡା ଥାନାରେ ଗୋଟିଏ ମାମଲା ରହିଛି । ଅନ୍ୟମାନଙ୍କ ବିରୋଧରେ ଅନୁସନ୍ଧାନ ଜାରି ରହିଛି ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଏପର୍ଯ୍ୟନ୍ତ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ଖୁଣ୍ଟିଆଙ୍କ କାର୍ଯ୍ୟାଳୟ ମଧ୍ୟରେ ୮ ଜୁଇଗାଂଲରୁ ଊର୍ଦ୍ଧ୍ୱ ବେଆଇନ ଗଞ୍ଜେଇ ଜବତ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ଖୁଣ୍ଟିଆ । ସମସ୍ତ ୬ ଅଭିଯୁକ୍ତଙ୍କ ବିରୋଧରେ ସ୍ଲାଟଂସାଇଡ୍ ଥାନା କେସ୍ ନଂ ୧୩୯/ ୧୬-୨-୨୦୨୬ ରୁଜୁ କରାଯିବା ସହିତ ଏନଡିପିଏସ୍ ଆକ୍ଟ ୨୦(ବି)(ସବ)(ସି)/୨୫ରେ କୋର୍ଟ ଚାଲାଣ କରାଯାଇଛି ।

ବାରାହାଃ ଶିକାର କରି ରାଉରକେଲା ବନଖଣ୍ଡ ବିଭାଗ ଦ୍ୱାରା ୫ ଗିରଫ

ରାଉରକେଲା,୧୭/୨(ନି/ପ୍): ସର୍ବପର୍ବାଣୀ ସମୟରେ ଜଙ୍ଗଲୀ ପଶୁମାନଙ୍କ ଶୀକାରକୁ ଦୃଷ୍ଟିରେ ରଖି ରାଉରକେଲା ବନଖଣ୍ଡ ପକ୍ଷରୁ ନଜର ରଖାଯାଇଥିଲା । ବନ ବିଭାଗ ପକ୍ଷରୁ ଲଗା ଯାଇଥିବା କ୍ୟାମେରା ପରିଗଣନାରୁ ଜଣାଯାଏ ଯେ, ରାଉରକେଲା ବନଖଣ୍ଡ ଅଞ୍ଚଳରେ ୨୭ଟି ବନ୍ୟଜନ୍ତୁ ବା ବାରହା ରହିଛନ୍ତି । ସାଧାରଣତଃ ଶିବରାତ୍ରି ସମୟରେ ଗାଁ ଲୋକମାନେ ଜଙ୍ଗଲକୁ ଶିକାର କରିବା ପାଇଁ ଯାଇଥାନ୍ତି । ଏହାକୁ ନଜରରେ ରଖି ବନ ବିଭାଗ ପକ୍ଷରୁ ନଜର ରଖାଯାଇଥିଲା । ନଜର ରଖିବା ପରେ ଜଣାଯାଇଥିଲା ଯେ ଜଂସର ଗ୍ରାମର କିଛି ଲୋକ ଜଙ୍ଗଲକୁ ଯାଇ ଜଙ୍ଗଲୀ ବାରାହା ଶିକାର କରିଛନ୍ତି । ରାଉରକେଲା ଡିଏଫଓଙ୍କ ନିର୍ଦ୍ଦେଶ କ୍ରମେ ଜଂସର ଗ୍ରାମର ଫତେ ସିଂଙ୍କ ଘରେ ଖାନତଲାସ କରାଯାଇଥିଲା । ଫତେ ସିଂଙ୍କ ଘରେ ବାରାହାର ମାଂସ ଓ ଚମଡା ରଖାଯାଇଥିବାର ଜଣାପଡିବା ପରେ, ତାଙ୍କୁ ବନ ବିଭାଗ ପକ୍ଷରୁ ହେପାଜତକୁ ନିଆଯାଇଥିଲା । ଫତେ ସିଂଙ୍କୁ ପଚରାଉଚରା କରିବା ପରେ ଅନ୍ୟ ୪ ଜଣଙ୍କୁ ହେପାଜତକୁ ନିଆଯାଇଥିଲା । ସେମାନେ ସ୍ୱୀକାର କରିଥିଲେ ଯେ ପାଖରେ ଥିବା ସୋନାପର୍ବତ ଅଞ୍ଚଳକୁ ସେମାନେ ବାରାହାଃ ଶିକାର କରିଛନ୍ତି । ସମସ୍ତ ୫ ଅଭିଯୁକ୍ତ ହେଲେ ଫତେ ସିଂ, ପଙ୍କଜ କୁମାର ସିଂ, ବିଚନ ସିଂ, ଦୁଃଖବନ୍ଧୁ ସିଂ ଏବଂ ପ୍ରଦୀପ ସିଂ । ସମସ୍ତ ଅଭିଯୁକ୍ତ ଜଂସର ଗ୍ରାମର ହୋଇଥିଲା ବେଳେ ସେମାନଙ୍କ ନିକଟରୁ ଶିକାରରେ ବ୍ୟବହୃତ ଜାଲ, ମାଂସ ଜାତିବା ପାଇଁ ବ୍ୟବହୃତ ଅସ୍ତ୍ର, ମାଂସ ଓ ଚମଡାକୁ ଜବତ କରାଯିବା ସହିତ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ରାଉରକେଲା ବନଖଣ୍ଡ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠି । ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଓ୍ୱାଇଲ୍ଡ ଲାଇଫ୍ ଆକ୍ଟରେ ସେକ୍ସନ ୯, ୩୯(ବି), ୩୯(ଡି) ଅନୁଯାୟୀ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଏଥିସହିତ ଅଧିକ ତଦନ୍ତ ଜାରି ରହିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ରାଉରକେଲା ଡିଏଫଓ ଯଶୋବନ୍ତ ସେଠି ।

ରାଜଗାଙ୍ଗପୁର ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ରାଜଗାଙ୍ଗପୁର,୧୭/୨(ନି/ପ୍): ରାଜଗାଙ୍ଗପୁର ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଡ଼ାଲ୍ଭର ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ବିତ ପାଲ କୌଶି ଯୋଗ ଦେଇ ଜନସାଧାରଣଙ୍କର ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ । ଆଜିଗୋଟ ୯୪ଟି ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ୪୬ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା ବେଳେ ୪୫ଟି ସାମୁହିକ ଅଭିଯୋଗ ରହିଥିଲା । ଏହି ଅଭିଯୋଗଗୁଡ଼ିକ ମଧ୍ୟରୁ ୬ଟି ଅଭିଯୋଗର ତତ୍ପକ୍ଷଣାତ ସମାଧାନ କରାଯାଇଥିଲା । ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୩ଟି ଆବେଦନ ରହିଥିଲା । ଆଜିର ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଜନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ରାଉରକେଲା ବନଖଣ୍ଡ ଅଧିକାରୀ ଯଶବନ୍ତ ସେଠୀ, ସଦର ଉପଜିଲ୍ଲାପାଳ ଶ୍ରୀମତୀ ଚେକେଟ୍ରିମ୍ନୀ ଚେହେରା, ପିଏ ଆଇଟିଡିଏ ଯତେନ୍ଦ୍ର ସେଠୀ ତଥା ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

କେଶବ ନଗର ଶାଖାର ମାସିକ ସାରସ୍ୱତ ସମାବେଶ

ରାଉରକେଲ.୧୭/୨(ନି/ପ୍): ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଉରକେଲା ଶାଖାର କେଶବ ନଗର ଶାଖା ତରଫରୁ ମାସିକ ସାରସ୍ୱତ ସମାବେଶ ସେକ୍ଟର ୬ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି । ଶାଖାର ସଭାପତି ଶିକ୍ଷାବିତ୍ ବିଜୟିନୀ ଜେନା ଙ୍କ ସଭାପତିତ୍ୱେ, ସାଧାରଣ ସମ୍ପାଦିକା ସୁସ୍ମିତା ମହାପାତ୍ରଙ୍କ ଆବାହକତ୍ୱ ଓ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଷୟ ବିଶେଷଜ୍ଞ ଭାବେ ସ୍ୱାଧୀ ପ୍ରତିଭା ଚୈତନ୍ୟ, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ବ୍ରଜେନ୍ଦ୍ର ଦାଶ ଯୋଗଦେଇ ଆଲୋଚ୍ୟ ବିଷୟ ଭଗବତ୍ ଗୀତା: ସାମ୍ପ୍ରତିକ ଛାତ୍ର ଜୀବନରେ ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିଥିଲେ । ଅତିଥି ମାନେ ସେମାନଙ୍କ ବକ୍ତବ୍ୟରେ ଭଗବତ୍ ଗୀତା କିପରି ଆମ ସାମଗ୍ରୀକ ଜୀବନକୁ ପ୍ରଭାବିତ କରିବା ସହ ସତ୍ ପଥରେ ଯିବା ପାଇଁ ପ୍ରେରିତ କରିଥାଏ ତଥା ଏହା ମାଧ୍ୟମରେ ଛାତ୍ର ଜୀବନ କିପରି ଶୃଙ୍ଖଳିତ, ସଂସ୍କାରିତ ହୋଇଥାଏ ସେ ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ । ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ରାଉତ ପ୍ରାଜ୍ ଜଥନ ରଖିଥିବାବେଳେ ବିଦ୍ୟାଳୟ ପ୍ରମୁଖ ଅନୁରାଧା ଦାସ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଆଲୋଚ୍ୟ ପ୍ରସଙ୍ଗରେ ବକ୍ତବ୍ୟ ରଖି ସୁଶ୍ରୀ ସୁଚିଶ୍ରିୟା ପଲାଇ, ସୁଶ୍ରୀ ଶୁଭଶ୍ରୀ ରାଉତ, ସୁଶ୍ରୀ ସ୍ୱାତୀ ପରିଡା ଙ୍କୁ ପୁରସ୍କୃତ ହୋଇଥିଲେ । ଶେଷରେ ଶାଖା ସହ ସମ୍ପାଦକ ମମତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗୁରୁମା ପୁଷ୍ପଲତା ପ୍ରମୁଖ ଅନୁରାଧା ଦାସ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ବକ୍ତବ୍ୟ ରଖି ସୁଶ୍ରୀ ସୁଚିଶ୍ରିୟା ପଲାଇ, ସୁଶ୍ରୀ ଶୁଭଶ୍ରୀ ରାଉତ, ସୁଶ୍ରୀ ସ୍ୱାତୀ ପରିଡା ଙ୍କୁ ପୁରସ୍କୃତ ହୋଇଥିଲେ । ଶେଷରେ ଶାଖା ସହ ସମ୍ପାଦକ ମମତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ